

ଫିଟ୍ ହେଲେ ରଷଭ୍ ପନ୍ତ

▶କ୍ରୀଡ଼ା ପୃଷ୍ଠାରେ...

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-256 ♦BHUBANESWAR ♦MONDAY ♦11 MARCH 2024 ♦PAGE-12+12 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୬ ♦ଭୁବନେଶ୍ୱର ♦ସୋମବାର ♦୧୧ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୨+୧୨ ♦ଟ.୬.୦୦

### ବ୍ଲକ୍ ଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ସ୍କୁଲ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପହାର

# ଏକ୍ସଗ୍ରାସିଆ ବଢ଼ିଲା ୧୫୦%

- ଶିକ୍ଷକଙ୍କୁ ଅବସର ସମୟରେ ୧୦ ଲକ୍ଷ ଟଙ୍କା ସେବାନିବୃତ୍ତ ରାଶି
- ଅଣ ଶିକ୍ଷକ କର୍ମଚାରୀଙ୍କୁ ଅବସର ବେଳେ ଏକକାଳୀନ ୫ ଲକ୍ଷ
- ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀଙ୍କୁ ବାର୍ଷିକ ୧୫ ଦିନ ସାମୟିକ ଛୁଟି
- ମହିଳା ଶିକ୍ଷକ ଓ କର୍ମଚାରୀ ପାଇବେ ୧୮୦ ଦିନ ମାତୃତ୍ୱ ଛୁଟି
- ୫ ଲକ୍ଷ ଟଙ୍କା ଯାଏ ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତା ଅନୁକମ୍ପା ରାଶି
- ଉପକୃତ ହେବେ ପ୍ରାୟ ୧୭,୫୦୦ ବ୍ଲକଗ୍ରାଣ୍ଟ ସ୍କୁଲରକର୍ମଚାରୀ
- '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲାଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ

■ **ଭୁବନେଶ୍ୱର, ୧୦।୩ (ସମିସ):** ବ୍ଲକ୍ ଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଣ ଶିକ୍ଷା କର୍ମଚାରୀଙ୍କ ପାଇଁ ହାତ ଖୋଲି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟ କରୁଥିବା ଶିକ୍ଷକ ଓ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ବା ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ଏକ୍ସଗ୍ରାସିଆ ୧୫୦% ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ଅବସର ସମୟରେ ଶିକ୍ଷକ ଓ ଅଣ ଶିକ୍ଷା କର୍ମଚାରୀଙ୍କୁ ଯଥାକ୍ରମେ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କା ଏକକାଳୀନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଅନୁଯାୟୀ ୧୭,୫୦୦ କର୍ମଚାରୀ ଉପକୃତ ହେବେ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଏଣିକି ବ୍ଲକ ଗ୍ରାଣ୍ଟ ସ୍କୁଲର କର୍ମଚାରୀମାନେ ବାର୍ଷିକ ୧୫ଦିନ ସାମୟିକ ଛୁଟି ପାଇବେ। ଏହା ସହ ମହିଳା କର୍ମଚାରୀମାନଙ୍କୁ ମାତୃତ୍ୱକାଳୀନ ୧୮୦ ଦିନ ଛୁଟି ପ୍ରଦାନ କରାଯିବ। ଦୁଇଟି ଜୀବିତ ସନ୍ତାନ ଜନ୍ମ ଦେବା ପର୍ଯ୍ୟନ୍ତ ଏହି ମାତୃତ୍ୱ ଛୁଟି ଦିଆଯିବ। ବ୍ଲକ ଗ୍ରାଣ୍ଟ ପାଇବା ଦିନ ଠାରୁ ୧୬ ବର୍ଷ ପରେ, ଅନୁଦାନ ପ୍ରାପ୍ତ ଶିକ୍ଷକଙ୍କୁ ଉଚ୍ଚତର ବେତନ ହାରସ୍ତରରେ ଏକ ପ୍ଲେସ୍‌ମେଣ୍ଟ ସ୍କେଲ୍ ସୁବିଧା ପ୍ରଦାନ କରାଯିବ। ସେବା ସମୟରେ ମୃତ୍ୟୁବରଣ କିମ୍ବା ସ୍ଥାୟୀ ଅକ୍ଷମତା ପାଇଁ ଅନୁକମ୍ପାମୂଳକ ସହାୟତା ରାଶି(ଏକ୍ସ-ଗ୍ରାସିଆ) ଶିକ୍ଷକମାନଙ୍କ ପାଇଁ ୨ ଲକ୍ଷରୁ ବୃଦ୍ଧି କରି ୫ଲକ୍ଷ ଟଙ୍କା ଏବଂ ଅଣଶିକ୍ଷକମାନଙ୍କ ପାଇଁ ୧.୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରି ୩.୫୦ ଲକ୍ଷ ଟଙ୍କା କରାଯାଇଛି।

ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ବ୍ଲକ ଗ୍ରାଣ୍ଟ କର୍ମଚାରୀମାନେ ୬୦ ବର୍ଷରେ ସେବାରୁ ନିବୃତ୍ତି ସମୟରେ ଏକକାଳୀନ ରାଶି ପ୍ରଦାନ କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଅବସର ସମୟରେ ଶିକ୍ଷକଙ୍କୁ ୧୦ ଲକ୍ଷ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ୫ ଲକ୍ଷ ଟଙ୍କା ଏକକାଳୀନ ପ୍ରଦାନ କରିଯିବ।

'୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ବ୍ଲକ ଗ୍ରାଣ୍ଟ କର୍ମଚାରୀ ଓ ସେମାନଙ୍କ ସଂଘ ପକ୍ଷରୁ ଏ ବିଷୟରେ ପ୍ରସ୍ତାବ ଦିଆଯାଇଥିଲା। ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବ ବିଷୟରେ ନିଷ୍ପତ୍ତି ନେଇଛନ୍ତି।

### ସାମୟିକ ଓ ପ୍ରସବକାଳୀନ ଛୁଟି

### ଉପକୃତ ହେବେ ଅନୁଦାନପ୍ରାପ୍ତ ସ୍କୁଲର ୩୩,୪୨୦ କର୍ମଚାରୀ

**ଭୁବନେଶ୍ୱର,୧୦।୩(ସମିସ):** ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ବାର୍ଷିକ ୧୫ ଦିନ ସାମୟିକ ଛୁଟି ପ୍ରଦାନ କରିବାକୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାସହ ମହିଳା କର୍ମଚାରୀଙ୍କୁ ବେତନ ସହିତ ପ୍ରସୂତିକାଳୀନ ଛୁଟି ପ୍ରଦାନ କରିବା ପାଇଁ ସେ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୨୫୬୦ ଉଚ୍ଚ ବିଦ୍ୟାଳୟ, ୯୪୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୩୯ ସଂସ୍କୃତ ଟୋଲ ଏବଂ ୧୩୮ ମଦ୍ରାସାରେ କାର୍ଯ୍ୟରତ ପ୍ରାୟ ୩୩,୪୨୦ ଜଣ ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ।

### ଥମୁନି ମେଣ୍ଟ ଚର୍ଚ୍ଚା

# ରାଜ୍ୟ ବିଜେପି ନେତାଙ୍କୁ ଦିଲ୍ଲୀ ଡକରା

## ପ୍ରଭାରୀଙ୍କ ସହ ଦିଲ୍ଲୀ ଗଲେ ମନ-ମାନସ

■ **ଭୁବନେଶ୍ୱର, ୧୦।୩ (ସମିସ):** ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ରାଜନୈତିକ ମେଣ୍ଟ ପ୍ରସଙ୍ଗ ଥମୁନାହିଁ। ଗତକାଲି ରାଜନୀତିରେ 'ମିଛ ଓ ଗୁଜବ' ସଂକ୍ରାନ୍ତ ମୁଖ୍ୟମନ୍ତ୍ରୀଙ୍କ ୧୩ ସେକେଣ୍ଡର ଭିଡ଼ିଓ ରାଜ୍ୟର ରାଜନୈତିକ ମହଲରେ ହଲଚଲ୍ ସୃଷ୍ଟି କରିଛି। ଗତକାଲି ମଧ୍ୟାହ୍ନରେ ଦଳର ଆଶାୟୀ ପ୍ରାର୍ଥୀଙ୍କ ସହ ବୈଠକ; ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରଭାରୀ ଓ ସହ ପ୍ରଭାରୀଙ୍କ ଉପସ୍ଥିତିରେ ରାଜ୍ୟ ବିଜେପିର କିଛି ବରିଷ୍ଠ ନେତାଙ୍କ କବାଟକିଳା ଆଲୋଚନା ଓ ଆଜି ଅପରାହ୍ନରେ ରାଜ୍ୟ ସଭାପତି, ସାଙ୍ଗଠନିକ ସମ୍ପାଦକଙ୍କୁ ଦିଲ୍ଲୀ ଡ଼କରା ମେଣ୍ଟ ଚର୍ଚ୍ଚାକୁ ଆହୁରି ଉଷୁମ କରିଛି । ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡିଙ୍କ ସହ ସଭାପତି ମନମୋହନ ସାମଲ, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି ରବିବାର ବିଳମ୍ବିତ ଅପରାହ୍ନରେ ଦିଲ୍ଲୀ ଯାତ୍ରା କରିଛନ୍ତି। ଗତ ୫ ଦିନ ମଧ୍ୟରେ ରାଜ୍ୟ ବିଜେପି ନେତାଙ୍କୁ ଦ୍ୱିତୀୟବାର ଦିଲ୍ଲୀ ଡ଼କାଯିବାକୁ ନେଇ ରାଜନୈତିକ ଉତ୍ସୁକତା ବୃଦ୍ଧି କରିଛି। ରାଜ୍ୟରେ ବିଜେଡି ସହ ସମ୍ଭାବ୍ୟ ମେଣ୍ଟକୁ ଅସ୍ୱୀକାର କରିଥିବା ବିଜେପି ସଭାପତି ଶ୍ରୀ ସାମଲଙ୍କୁ ଦିଲ୍ଲୀ ଡ଼କରା ବେଶ୍ ଗୁରୁତ୍ୱ ବହନ କରୁଛି ବୋଲି ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଏପରିକି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁଦ୍ଧା ରାଜ୍ୟରେ ସମ୍ଭାବ୍ୟ ମେଣ୍ଟ ନେଇ ଚିତ୍ର ସ୍ୱଷ୍ଟ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

**ଶୀର୍ଷ ନେତୃତ୍ୱ ନେବେ ଓଡ଼ିଶା ପାଇଁ ନିଷ୍ପତ୍ତି**

**ମେଣ୍ଟ କଥା ସେ କହିବା ଠିକ୍ ନୁହେଁ: ମନମୋହନ**

ଅପରପକ୍ଷେ ରାଜ୍ୟରେ ମେଣ୍ଟ ହେବ ନାହିଁ ବୋଲି ବାରମ୍ବାର କହି ଆସୁଥିବା ମନମୋହନ ନରମ ପଡ଼ିଥିବା ଦେଖାଯାଉଛି। ଦିଲ୍ଲୀ ଯିବା ପୂର୍ବରୁ ସେ ବିମାନବନ୍ଦରରେ ▶ପୃଷ୍ଠା-୭

### ଦ୍ୱୈତନଗରୀର ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ପ୍ରଦାନ କଲେ '୫-ଟି' ଅଧ୍ୟକ୍ଷ

# ୧୩୪୭୪ ଛାତ୍ରଛାତ୍ରୀଙ୍କୁ ୧୩.୩୯ କୋଟି ବୃତ୍ତି

■ **ଭୁବନେଶ୍ୱର, ୧୦।୩ (ସମିସ):** ଭୁବନେଶ୍ୱର ଓ କଟକର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଶ୍ରୀ ପାଣ୍ଡିଆନ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜେକେବିକେ କଲେଜ, ଶୈଳବାଳା ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱରର ଏକାମ୍ର ମହାବିଦ୍ୟାଳୟ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ମହର୍ଷି କଲେଜ ଅଫ୍ ନେଚୁରାଲ ଲ' ଓ ରାଜଧାନୀ ମହାବିଦ୍ୟାଳୟରେ ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି। କଟକରେ ୮୬୧୧ ଓ ଭୁବନେଶ୍ୱରରେ ୫୩୫୮ ଜଣ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୮.୧୩ କୋଟି ଓ ୫.୨୬ କୋଟି ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଛି।

ଏହି ଅବସରରେ ଶ୍ରୀ ପାଣ୍ଡିଆନ 'ନୂଆ-ଓ' ଛାତ୍ରବୃତ୍ତି ଓ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ▶ପୃଷ୍ଠା-୭



सत्यमेव जयते
Government of India

ବିଶ୍ୱର ଯେକୌଣସି କୋଣରେ ସଙ୍କଟ ଆସିଲେ
ଆପଣ ଆମ ପିଲାଙ୍କୁ
ସୁରକ୍ଷିତ ଭାବରେ ଘରକୁ ନେଇ ଆସନ୍ତି



**ଅପରେସନ ବନ୍ଦେ ଭାରତ** , 2.17 ଲକ୍ଷ ବିମାନ ଉଡାଣ, 1.83 କୋଟି ଯାତ୍ରୀଙ୍କୁ କରୋନା ସମୟରେ ସହାୟତା

**ଅପରେସନ ରାହତ୍ (ୟେମେନ)**
4748 ଭାରତୀୟ ସୁରକ୍ଷିତ ଭାବରେ ଘରକୁ ଫେରିଛନ୍ତି

**ଅପରେସନ ଗଙ୍ଗା:** ଋଷ-ୟୁକ୍ରେନ୍ ଯୁଦ୍ଧରେ 18,282 ଭାରତୀୟ ସୁରକ୍ଷିତ ଭାବରେ ଘରକୁ ଫେରିଛନ୍ତି

**ଅପରେସନ କାବେରୀ :** ସୁଦାନରୁ 3900 ଦେଶବାସୀ ସୁରକ୍ଷିତ ଭାବରେ ଘରକୁ ଫେରିଛନ୍ତି

ସାରା ବିଶ୍ୱରେ ଭାରତର ଜୟ ଜୟକାର
ମୋ ଭାରତ, ମୋ ପରିବାର

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-256 ♦BHUBANESWAR ♦MONDAY ♦11 MARCH 2024 ♦PAGE-12+12 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୬ ♦ଭୁବନେଶ୍ୱର ♦ସୋମବାର ♦୧୧ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୨+୧୨ ♦ଟ.୬.୦୦


## ୧୫ ବିମାନବନ୍ଦର ପ୍ରକଳ୍ପର ଶୁଭାରମ୍ଭ କଲେ ମୋଦୀ

■ **ଆଜମଗଡ଼, ୧୦।୩ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏଠାରେ ପହଞ୍ଚିବା ପରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ବିଭିନ୍ନ ସହରରେ ଥିବା ବିମାନବନ୍ଦରର ୧୨ଟି ନୂଆ ଟର୍ମିନାଲ ସୌଧ ଉଦଘାଟନ କିଛନ୍ତି ଓ ଅନ୍ୟ ୩ଟି ଟର୍ମିନାଲ ସୌଧର ଶିଳାନ୍ୟାସ କରିଛନ୍ତି। ଏହି ୧୫ଟି ବିମାନବନ୍ଦର ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ୯୮୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପୁନେ, କୋହ୍ଲାପୁର, ଗୋଆଲିୟର, ଜବଲପୁର, ଦିଲ୍ଲୀ, ଲକ୍ଷ୍ନୌ, ଆଲିଗଡ଼,ଆଜମଗଡ଼, ଚିତ୍ରକୂଟ,ମୋରାଦାବାଦ,ଶ୍ରାବସ୍ତୀ, ଆଦାମପୁର ଏହି ୧୨ ସହରର ବିମାନବନ୍ଦରରେ ନୂଆ ଟର୍ମିନାଲ ସୌଧ ଆଜି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ବେଳେ କାଡ଼ାପା, ହୁବଲୀ ଓ ବେଲାଗାଭି ବିମାନବନ୍ଦରର ନୂଆ ଟର୍ମିନାଲ ସୌଧର ଶିଳାନ୍ୟାସ କରାଯାଇଛି। ଲୋକାର୍ପିତ ହୋଇଥିବା ୧୨ ଅତ୍ୟାଧୁନିକ ନୂଆ ଟର୍ମିନାଲ ବର୍ଷକୁ ମୋଟ ୬କୋଟି ୨୦ଲକ୍ଷ ଯାତ୍ରୀଙ୍କୁ ସୁଖପ୍ରଦ ତଥା ଆରାମଦାୟକ ବିମାନଯାତ୍ରାର ଅନୁଭବ ଦେବ। ନୂଆ ଟର୍ମିନାଲ ସୌଧଗୁଡ଼ିକରେ ଇନସୁଲେଟେଡ ରୁଫିଙ୍ଗ୍ ସିଷ୍ଟମ୍, ଶକ୍ତିସାଶ୍ରୟ କାନୋପି ଓ ଏଲଇଡି ଲାଇଟିଂ ଭଳି ବୈଶିଷ୍ଟ୍ୟ ରହିଥିବା ବେଳେ ସ୍ଥାନୀୟ ଏତିହ୍ୟ ଓ ସଂସ୍କୃତିର ଅନୁପ୍ରେରଣାରେ ଏହାର ଡିଜାଇନ୍ କରାଯାଇଛି।




# ଝିଅ ଭିନ୍ନ ଜାତିରେ ବାହା ହେବାରୁ ବିଷ ପିଇଦେଲେ ବୃଦ୍ଧ ଦମ୍ପତି

**ବଡ଼ମ୍ବା/ରଡାପାଟ, ୧୦।୩ (ସମିସ):** ଝିଅ ଭିନ୍ନ ଜାତିରେ ବିବାହ କରିବାରୁ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ବୃଦ୍ଧ ଦମ୍ପତି। ଏମିତି ଏକ ଅଭାବନୀୟ ଘଟଣା ଘଟିଛି, ବଡ଼ମ୍ବା ବ୍ଲକ୍ ତଥା ମାଣିଆବନ୍ଧ ଥାନା ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମ ସଡ଼କସାହିରେ। ମୃତ ଦମ୍ପତି ହେଲେ, ଗ୍ରାମର ନିତ୍ୟାନନ୍ଦ ମହାପାତ୍ର (୬୪) ଏବଂ ତାଙ୍କ ପତ୍ନୀ ଶାନ୍ତିଲତା ମହାପାତ୍ର (୫୪)। ଝିଅ ସଂଯୁକ୍ତା ଭିନ୍ନ ଜାତିର ପୁଅକୁ ଭଲ ପାଇ ନିକଟରେ ବିବାହ କରିଥିବାରୁ ପରିବାରରେ କଳହ ଲାଗି ରହିଥିଲା। ଶନିବାର ଉଭୟ ସ୍ୱାମୀ ଓ ସ୍ତ୍ରୀ ମିଶି ତାଙ୍କ ଝିଅ ଘରକୁ ବୁଲିବାକୁ ଯାଇ ଫେରିଲା ପରେ କଳହ ଅଧିକ ହୋଇଥିଲା। ଏହି ଘଟଣାକୁ ନେଇ ମାନସିକ ଚାପରେ ଥିବା ଉଭୟ ସ୍ୱାମୀ ସ୍ତ୍ରୀ ଶନିବାର ବିଳମ୍ବିତ ରାତିରେ ଘରେ ଥିବା ସୁତାରଙ୍ଗରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ଖାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଘଟଣାର ପୂର୍ବଦିନ ଶନିବାର ସକାଳୁ ମୃତ ନିତ୍ୟାନନ୍ଦଙ୍କ ବଡ଼ ପୁଅ ପ୍ରଶାନ୍ତ ସ୍ୱପତ୍ନୀଙ୍କ ସହ ଆନ୍ଧ୍ରପ୍ରଦେଶ ବିଜୟୱାଡ଼ା ଚାଲିଯାଇଥିଲା ବେଳେ ସାନ ପୁଅ ସୁମନ୍ତ ଏକ ପରୀକ୍ଷା ଦେବା ପାଇଁ ଭୁବନେଶ୍ୱର ଯାଇଥିଲେ। ସକାଳୁ ବାପା ମାଙ୍କ ମୃତ ଖବର ପାଇ ସୁମନ୍ତ ରବିବାର ଦିନ ମାଣିଆବନ୍ଧ ପହଞ୍ଚିଥିଲେ। ସୁମନ୍ତ ଘଟଣା ସମ୍ପର୍କରେ ମାଣିଆବନ୍ଧ ଥାନାରେ ଲିଖିତ ଅଭିଯୋଗ କରିଲା ପରେ ପୁଲିସ ଏକ ଅପମୃତ ମାମଲା ନଂ ୭/୨୪ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ପୁଲିସ ଅନୁସନ୍ଧାନ ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତର କରଣ କହିହେବ ବୋଲି ଥାନାଧିକାରିଣୀ କାଦମ୍ବିନୀ ପରିଡ଼ା କହିଛନ୍ତି। ଗ୍ରାମ ଶ୍ମଶାନରେ ଗୋଟିଏ ଜୁଇରେ ସ୍ୱାମୀ ସ୍ତ୍ରୀଙ୍କ ଅନ୍ତିମ ସଂସ୍କାର କରାଯାଇଛି।


THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-256 ♦BHUBANESWAR ♦MONDAY ♦11 MARCH 2024 ♦PAGE-12+12 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୬ ♦ଭୁବନେଶ୍ୱର ♦ସୋମବାର ♦୧୧ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୨+୧୨ ♦ଟ.୬.୦୦







# ୪୫୦୦ କୋଟିରେ ଏମ୍ସ ପ୍ଲସ୍ ହେବ ଏସ୍‌ସିବି

## ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ୫-ଟି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ





**ଭୁବନେଶ୍ୱର, ୧୦।୩ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଜି ସକାଳେ ଏସ୍‌ସିବି ମେଡିକାଲ କଲେଜର ସମ୍ପ୍ରସାରଣ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି। ଏହି ପ୍ରକଳ୍ପ ନିର୍ଦ୍ଧାରିତ ସମୟ ଭିତରେ ଶେଷ କରିବା ଲାଗି ଶ୍ରୀ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ସିବି ମେଡିକାଲ କଲେଜକୁ ଏମ୍ସ ପ୍ଲସ୍‌ରେ ରୂପାନ୍ତରିତ କରିବା ଲାଗି ଚାଲୁ ରହିଥିବା ପ୍ରକଳ୍ପରେ ସରକାର ୪୫୦୦ କୋଟି ଟଙ୍କା ବିନିଯୋଗ କରୁଛନ୍ତି। ଏହି ପ୍ରକଳ୍ପରେ ଆବାସିକ ଅଞ୍ଚଳ ସମେତ ୨୦୫୮ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ ଅନ୍ତର୍ଭୁକ୍ତ। ଆଜି ଗସ୍ତ ସମୟରେ ଶ୍ରୀ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟରେ ଯେପରି ଗୁଣବତ୍ତା ସୁନିଶ୍ଚିତ କରାଯିବ, ତାହା ଉପରେ ଦୃଷ୍ଟି ଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କାମ ତ୍ୱରାନ୍ୱିତ କରିବା ଲାଗି ଅଧିକ ମାନବସମ୍ବଳ ନିୟୋଜନ କରିବା ଉପରେ ଶ୍ରୀ ପାଣ୍ଡିଆନ୍ ଗୁରୁତ୍ୱାରୋପ କରିଥିଲେ।

ସୂଚନାଯୋଗ୍ୟ ଯେ ରାଜ୍ୟର ପ୍ରମୁଖ ମେଡିକାଲ କଲେଜ ଓ ହସ୍ପିଟାଲ ଏସ୍‌ସିବିରେ ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା ଓ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସମ୍ପ୍ରସାରଣ କରି ଏମ୍ସ ପ୍ଲସ୍‌ରେ ରୂପାନ୍ତରିତ କରିବା ଲାଗି ରାଜ୍ୟ ସରକାର କାମ ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପରେ ଡାକ୍ତର, କର୍ମଚାରୀ, ରୋଗୀ, ରୋଗୀ ସମ୍ପର୍କୀୟ ଆଦି ସମସ୍ତଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ କରାଯାଉଛି। ବିଶେଷକରି ରୋଗୀମାନଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଦୁଇଟି ପର୍ଯ୍ୟାୟରେ ୧୭୫ଏକର ଜମିରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ରୋଗୀଙ୍କ ପାଇଁ ୩୫୦୦ ଶଯ୍ୟା ଉପଲବ୍ଧ ହେବ ଏବଂ ପରେ ଏହା ୫୦୦୦କୁ ବୃଦ୍ଧି ପାଇବ।

## ଟାର୍ଗେଟ୍‌ରେ ବିଜିଏନ ମାଓ ସଙ୍ଗଠନ

# ସ୍ତ୍ରୀ ଇନ୍ଦୁ ସହ ଖସି ପଳାଇଲା ମାଓ ନେତା ନିଖିଲ

**ଫୁଲବାଣୀ, ୧୦।୩(ସମିସ):** ସୁରକ୍ଷା କର୍ମୀ ଓ ମାଓବାଦୀ ଗୁଳିବିନିମୟ। ଅସ୍ତ୍ରଶସ୍ତ୍ର ସହ ବହୁ ମାଓ ସାମଗ୍ରୀ ଜବତ ହୋଇଥିବା ବେଳେ ବିଜିଏନର ମାଓ କ୍ୟାମ୍ପ ଧ୍ୱଂସ କରିଛନ୍ତି ଯବାନ। ତେବେ ଉକ୍ତ କ୍ୟାମ୍ପରେ ୨୦ରୁ ୨୫ ଜଣ ମାଓବାଦୀ ଥିବାବେଳେ ଟପ ମାଓ ନେତା ନିଖିଲ ଖସି ପଳାଇଥିବା ସୂଚନା ଦେଇଛନ୍ତି କନ୍ଧମାଳ ଏସପି।

ସୂଚନା ପ୍ରକାରେ କନ୍ଧମାଳ ଜିଲା କୋଟଗଡ଼ ଥାନା ଅନ୍ତର୍ଗତ ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କମ୍ବିଂ ଅପରେସନ ବେଳେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ୧୫ ମିନିଟରୁ ଅଧିକ ସମୟଧରି ଗୁଳି ବିନିମୟ ହୋଇଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ପରେ ସର୍ଚ୍ଚ ଅପରେସନ ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ କରି ଧ୍ୱଂସ କରିଥିଲେ ଯବାନ। ଏହି କ୍ୟାମ୍ପରୁ ବାସଧାରା ଘୁମୁସର ନାଗାବଳି (ବିଜିଏନ) ଡିଭିଜନର ଡିସିଏସ ନିଖିଲି ଖସି ଯାଇଥିବା କନ୍ଧମାଳ ଏସପି ଶୁଭେନ୍ଦୁ କୁମାର ପାତ୍ର ପ୍ରକାଶ କରିଛନ୍ତି। ତେବେ ନିଖିଲର ସ୍ତ୍ରୀ ମାଓ ନେତ୍ରୀ ଅଙ୍କିତା ଓଫ ଇନ୍ଦୁ। ଖସିଯାଇଥିବା ସକ୍ଷମ ହୋଇଥିବା ବେଳେ କ୍ୟାମ୍ପରୁ ଅତ୍ୟାଧୁନିକ ହାତ ତିଆରି ୭ ଟି ଗ୍ରେନେଡ଼ ସହ ବ୍ଲାଷ୍ଟିଙ୍ଗ ମେସିନ, ଜିଲୋଟିନ ସହ ଅନ୍ୟାନ ମାଓ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଏହି ୭ଟି ଗ୍ରେନଡ ଉନ୍ନତ ଧରଣର ହୋଇଥିବା ଯୋଗୁଁ ଏହାକୁ ଅକାମୀ ନକରି ବ୍ଲାଷ୍ଟ କରାଯିବ



ବୋଲି ଏସପି ପ୍ରକାଶ କରିଛନ୍ତି। ତେବେ ଠାବ ହୋଇଥିବା ମାଓ କ୍ୟାମ୍ପକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ଦିଆଯାଇଛି। ପୂର୍ବରୁ କେକେବିଏନ ମାଓ ସଂଗଠନର ଟପ ନେତା ଦାସୁର ପୁଲିସ ଗୁଳିରେ ନିହତ ହେବା ପରେ କେକେବିଏନ ସଂଗଠନ ଏକ ପ୍ରକାର ଦୁର୍ବଳ ହୋଇଥିବା ପରିଲକ୍ଷିତ ହେଉଛି। ତେବେ ପୁଣି ଜିଲା ପୁଲିସ ଟାର୍ଗେଟେରେ ବିଜିଏନ ନେତା ନିଖିଲ ରହିଛି।

# ବଡ଼ ଭାଇର ମାଡ଼ରେ ସାନ ଭାଇ ମୃତ

**ବାସୁଦେବପୁର, ୧୦।୩ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକାର ଶୁକଦେବପୁର ଗ୍ରାମର ବଡ଼ ଭାଇର ମାଡ଼ରେ ସାନ ଭାଇର ମୃତ୍ୟୁ ହୋଇଯାଇଛି। ଗତ ଶନିବାର ରାତିରେ ସ୍ଥାନୀୟ ଗ୍ରାମର ମହେଶ୍ୱର ବେହେରା ଓ ତାଙ୍କ ଭାଇଙ୍କ ମଧ୍ୟରେ କୌଣସି ଘଟଣାକୁ କେନ୍ଦ୍ର କରି ବଚସା ପରେ ଧସ୍ତାଧସ୍ତି ଗଣ୍ଡଗୋଳର ରୂପ ନେଇଥିଲା। ଫଳରେ ସାନଭାଇ ଉପରେ ମହେଶ୍ୱର ପରିବାର ଲୋକେ ମାଡ଼ ମାରିଥିଲେ। କିଛି ସମୟ ମଧ୍ୟରେ ଏହି ଗଣ୍ଡଗୋଳ ଶାନ୍ତ ପଡ଼ିବା ପରେ ସାନ ଭାଇ ଘରକୁ ପଳାଇ ଯାଇଥିଲେ। ହେଲେ ସେଠାରେ ଏହି ଘଟଣାକୁ ନେଇ ଭାଙ୍ଗି ପଡ଼ିବା ସହ ଘର ଅଗଣାରେ ବସିଥିବା ଅବସ୍ଥାରେ ଚଟାଣରେ ଲୋଟି ପଡ଼ିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ବାସୁଦେବପୁର ଡାକ୍ତରଖାନାକୁ ନେଇ ଆସିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ। ହେଲେ ଏହି ଘଟଣାକୁ ନେଇ ସାନ ଭାଇର ସ୍ତ୍ରୀ ସ୍ଥାନୀୟ ବାସୁଦେବପୁର ଥାନାରେ ମାଡ ମାରି ମାରି ଦେଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ପ୍ରାଥମିକ ତଦନ୍ତ କରି ଏକ ମାମଲା ରୁଜୁ କରିଥିବା ସୂଚନା ରହିଛି।

## ଲୋକକଥା



ଅଚାନକ ଇସି ପଦବି ଛାଡ଼ିଲେ
ଇସ୍ତଫା ଦେଲେଣି ବଢ଼େଇ,
ନିର୍ବାଚନ ଆସି ଦୁଆର ମୁହଁରେ
ଡାକଇ କବାଟ ବାଡ଼େଇ !
କଥାଟା ଅଡୁଆ ଲାଗଇ,
କେତେ କହୁଚନ୍ତି ପଦ ଛାଡ଼ିଦେଲେ
ଭୋଟରେ କରିବେ ଲଢ଼େଇ !!

# ଟିଟିଲାଗଡ଼ ଉପକାରାଗାରରୁ ଦୁଇ କଏଦୀ ଚମ୍ପଟ୍

**ବଲାଙ୍ଗିର/ଟିଟିଲାଗଡ଼,୧୦।୩(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପକାରାଗାରରୁ ଦୁଇ ବିଚାରାଧୀନ କଏଦୀ ଚମ୍ପଟ ମାରିଛନ୍ତି। ଦୁଇଜଣ ଯାକ ହତ୍ୟା ମାମଲାର ଅଭିଯୁକ୍ତ। ସେମାନେ ହେଲେ, ଶୋଭାବନ ରଣା ଓ ସୁମିତ ବିହାରୀ। ଶନିବାର ରାତିରେ ପାଚେରି ଡେଇଁ ଦୁହେଁ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଜେଲର୍ ଚୈତନ୍ୟ ପ୍ରଧାନ ଟିଟିଲାଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ଜେଲର୍‌ଙ୍କ ଅବହେଳା ଯୋଗୁଁ ଏପରି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଶୋଭାବନ ୨୦୧୮ରେ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲା। ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଅଞ୍ଚଳରେ ଗୁଣିଗାରେଡ଼ି କରିବା ପାଇଁ ଜଣେ ନାବାଳିକାକୁ ହତ୍ୟାକରି ବଳିଦେବା ପରେ ଜଙ୍ଗଲରେ ମୃତଦେହ ଫିଙ୍ଗି ଦେଇଥିଲା। ଏହାପୂର୍ବରୁ ମଧ୍ୟ ସେ ସମାନ ଅଭିଯୋଗରେ ଗିରଫ ହୋଇଥିବା ବେଳେ ୨୦୧୮ ପରଠାରୁ ସେ ଟିଟିଲାଗଡ଼ ଜେଲ୍‌ରେ ରହିଥିଲା। ସେହିପରି ସୁମିତ ବିହାରୀ ମଧ୍ୟ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲା। କେସିଙ୍ଗାରେ ଏକ ଶିଶୁକୁ ହତ୍ୟା କରି ଡାକ୍ତରଖାନା ପରିସରରେ ଥିବା କୂଅରେ ଫିଙ୍ଗିଦେଇ ଗିରଫ ହୋଇଥିଲା। ସେ ମଧ୍ୟ ସେହିଦିନଠାରୁ ଟିଟିଲାଗଡ଼ ଜେଲ୍‌ରେ ରହିଆସୁଥିଲା। ତେବେ ଏହି ଫେରାର ଘଟଣାରେ ଜେଲର ଶ୍ରୀ ପଧାନଙ୍କ ବୟାନ ଆହୁରି ବିବାଦୀୟ କରିଛି। ଜେଲର୍‌ଙ୍କ କହିବାନୁସାରେ, ଜେଲ ଭିତରେ ଉଭୟ କମ୍ପ୍ୟୁଟର କାମ କରୁଥିଲେ। ବଳି ଘଟଣାର ଅଭିଯୁକ୍ତ ଶୋଭାବନ ପାଠଶାଠ ପଢ଼ିନଥିବା ସତ୍ତ୍ୱେ କମ୍ପ୍ୟୁଟର୍ ଉପରେ ଜ୍ଞାନ ରହିଥିବା ଜେଲର୍ ପ୍ରତିକ୍ରିୟା ଦେଇ କହିଛନ୍ତି। ଯାହାକି ସାଧାରଣରେ ଗ୍ରହଣ ହୋଇନାହିଁ।

**ଉଭୟ ହତ୍ୟା ମାମଲାରେ ଅଭିଯୁକ୍ତ**

**ଫନି ଟଙ୍କା ହଡ଼ପ ମାମଲା**

# ପୂର୍ବତନ ବ୍ୟାଙ୍କ ପରିଚାଳକଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର,୧୦।୩(ସମିସ):** ବାତ୍ୟା 'ଫନି' ଟଙ୍କା ହଡ଼ପ ମାମଲାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଇଡିବିଆଇ ବ୍ୟାଙ୍କର ଦୁଇ ପୂର୍ବତନ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ପୁରୀ ଜିଲା ପିପିଲି ଦାଣ୍ଡମୁକୁନ୍ଦପୁରର ଶାଖା ଆଇଡିବିଆଇ ବ୍ୟାଙ୍କର ପୂର୍ବତନ ପରିଚାଳକ ସରୋଜକାନ୍ତ ମହାପାତ୍ର ଓ ସହଯୋଗୀ ଆଞ୍ଚେଲ ମିଶ୍ର। ଉଭୟଙ୍କ ବିରୋଧରେ ୩ କୋଟି ୭୦ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗ ରହିଛି। ଏହି ମାମଲାରେ ତଦନ୍ତକାରୀ ସଂସ୍ଥା ଗତ ୭ତାରିଖ ଦିନ ଉକ୍ତ ବ୍ୟାଙ୍କର ତତ୍କାଳୀନ ସହକାରୀ ପରିଚାଳକ ତନ୍ମୟ କୁମାର ମହାରଣାଙ୍କୁ ଗିରଫ କରିଥିଲା।

ଇଓଡବ୍ଲ୍ୟୁ ସୂତ୍ରରୁ ପ୍ରକାଶ, ଆଇଡିବିଆଇ ବ୍ୟାଙ୍କର ଦାଣ୍ଡମୁକୁନ୍ଦପୁର ଶାଖାରେ ୨୦୧୮ ମସିହାରେ ସରୋଜକାନ୍ତ ପରିଚାଳକ ଥିବା ବେଳେ ତନ୍ମୟ ସହକାରୀ ପରିଚାଳକ ଥିଲେ। ପିପିଲି ବିଡିଓଙ୍କର ଉକ୍ତ ବ୍ୟାଙ୍କରେ ୨ଟି ଜମାଖାତା ରହିଥିଲା। ଖାତାଦ୍ୱୟରେ ୩ କୋଟି ୭୦ ଲକ୍ଷ ଟଙ୍କା ସରକାରୀ ଅର୍ଥ (ଫନି ଟଙ୍କା) ରହିଥିଲା। ଏହି ଟଙ୍କାକୁ ଫ୍ଲେକ୍ସି ଆକାଉଣ୍ଟରେ ରଖିବା ପାଇଁ ପରିଚାଳକ ସରୋଜକାନ୍ତ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ଉଚିତ ମନେକରି ବିଡିଓ ଫ୍ଲେକ୍ସି ଆକାଉଣ୍ଟରେ ଉକ୍ତ ଟଙ୍କା ରଖିବା ଲାଗି ପରିଚାଳକଙ୍କୁ ୭ଟି ଚେକ୍ ଦେଇ ପଳାଇ ଆସିଥିଲେ। ତାଙ୍କ ଚେକ୍‌ରୁ ଟଙ୍କା ଉଠାଇ ପରିଚାଳକ ସରୋଜକାନ୍ତ ଓ ତନ୍ମୟ ଫ୍ଲେକ୍ସି ଆକାଉଣ୍ଟରେ ନରଖି ୩୫ଜଣ ସମ୍ପର୍କୀୟଙ୍କ ନାମରେ ମୁଦ୍ରା ଋଣ ନାମରେ ଅର୍ଥକୁ ଆତ୍ମସାତ କରିଥିଲେ। ଏପରିକି ତାଙ୍କ ସମ୍ପର୍କୀୟମାନେ ଋଣ ସମ୍ପର୍କରେ କିଛି ଜାଣିବାକୁ ପାଇନଥିଲେ। ଏହି ଠକେଇରେ ସରୋଜକାନ୍ତଙ୍କୁ ଆଞ୍ଚେଲ ସହଯୋଗ କରିଥିଲା। ୨୦୨୨ରେ ପିପିଲିର ତତ୍କାଳୀନ ବିଡିଓ ଉକ୍ତ ଟଙ୍କା ସମ୍ପର୍କରେ ଖୋଳତାଡ଼ କରିବା ପରେ ଘଟଣା ପଦାକୁ ଆସିଥିଲା। ଏପରି କୌଣସି ଫ୍ଲେକ୍ସି ଆକାଉଣ୍ଟ ବ୍ୟାଙ୍କରେ ଖୋଲା ଯାଇନଥିବା ଜଣାପଡ଼ିଥିଲା। ବିଡିଓଙ୍କ ଖୋଳତାଡ଼କୁ ନେଇ ଆଇଡିବିଆଇ ଭୁବନେଶ୍ୱର ଶାଖା ପରିଚାଳକ ସନ୍ଦୀପ ପଟ୍ଟନାୟକ ଏ ସଂପର୍କରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସରୋଜକାନ୍ତ ଓ ତନ୍ମୟ ଚକ୍ରାନ୍ତ କରି ୩ କୋଟି ୭୦ ଲକ୍ଷ ଆତ୍ମସାତ କରିଥିବା ତଦନ୍ତକାରୀ ସଂସ୍ଥା ଜାଣିବାକୁ ପାଇଥିଲା। ପରେ ମୁଖ୍ୟ ଅଭିଯୁକ୍ତ ସରୋଜକାନ୍ତଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି।

# ବିଚ୍ଛିନ୍ନାଞ୍ଚଳବାସୀଙ୍କ ଲାଗି ବରଦାନ 'ବୋଟ୍ ଆମ୍ବୁଲାନ୍ସ'

**ଭୁବନେଶ୍ୱର,୧୦।୩(ସମିସ):** ଜୀବନରକ୍ଷା ଦିଗରେ ବୋଟ୍ ଆମ୍ବୁଲାନ୍ସ ବିଚ୍ଛିନ୍ନାଞ୍ଚଳବାସୀଙ୍କ ଲାଗି ବରଦାନ ପାଲଟିଛି। ନଦୀକୂଳିଆ ଓ ପାଣିଘେର ଗାଁରେ ରହୁଥିବା ଲୋକଙ୍କୁ ନଦୀ ପାର୍ କରାଇ ନିକଟସ୍ଥ ହସ୍ପିଟାଲରେ ପହଞ୍ଚାଇବା କ୍ଷେତ୍ରରେ ଏହା ନୂଆ ଦିଗନ୍ତ ଦେଖାଇଛି। ଏହାଦ୍ୱାରା ଅକାଳରେ ଝଡ଼ି ପଡୁଥିବା ଅନେକ ଜୀବନ ରକ୍ଷା ହୋଇପାରୁଛି। ବିଶେଷକରି ଗର୍ଭବତୀ ମହିଳା ଏବଂ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇବାରେ ଏହା ଏକ ପ୍ରମୁଖ ଭୂମିକା ଭୂମିକା ନିଭାଇ ଆସୁଛି। ରାଜ୍ୟର ୪ ଜିଲ୍ଲାରେ ଚାଲିଥିବା ଏହି ୬ଟି ବୋଟ୍ ଆମ୍ବୁଲାନ୍ସ ସେବା ପାଇଁ ରାଜ୍ୟ ସରକାରଙ୍କୁ ସବୁ ମହଲରେ ପ୍ରଶଂସା କରାଯାଉଛି।

ମିଳିଥିବା ସୂଚନାନୁଯାୟୀ, ଏହି ବୋଟ୍ ଆମ୍ବୁଲାନ୍ସ ଦ୍ୱାରା ଗତ ୩୮ ମାସରେ ୧୨୨୭ ରୋଗୀଙ୍କୁ ଉତ୍କର୍ଷ ଚିକିତ୍ସା ସେବା ମିଳିପାରିଛି। ୨୦୨୧ରେ ୧୯୬ଜଣ, ୨୦୨୨ରେ ୫୩୪, ୨୦୨୩ରେ ୪୩୮ ଓ ଚଳିତବର୍ଷ ପ୍ରଥମ ଦୁଇମାସର ୫୯ ରୋଗୀଙ୍କୁ ଅତି ଯତ୍ନଶୀଳ ଭାବେ ସ୍ଥାନାନ୍ତର କରାଯାଇଛି। ସେହିପରି ସ୍ୱାଭିମାନ ଅଞ୍ଚଳରେ ରୋଗୀଙ୍କ ଜୀବନରକ୍ଷା ସହ କେନ୍ଦ୍ରାପଡ଼ା, କଳାହାଣ୍ଡି ଓ କୋରାପୁଟ୍‌ବାସୀଙ୍କୁ ତତ୍କାଳ ସ୍ୱାସ୍ଥ୍ୟଗତ ସେବା ଯୋଗାଇ ଦିଆଯାଇଛି। ୧୦୮କୁ କଲ୍ କରି ସ୍ଥାନୀୟ ଲୋକେ ବୋଟ୍ ଆମ୍ବୁଲାନ୍ସର ସହାୟତା ଲୋଡ଼ିବା ପରେ ସେମାନଙ୍କୁ ତୁରନ୍ତ ଦୁଇଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଉଛି। ପାଣିଘେରରେ ରହୁଥିବା ସ୍ଥାନରେ ପ୍ରଥମେ ବୋଟ୍ ଆମ୍ବୁଲାନ୍ସ ପହଞ୍ଚି ସମ୍ପୃକ୍ତ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଜଳପଥରେ ଆଣି ଟ୍ରାଞ୍ଜିଟ୍ ପଏଣ୍ଟ ଅଥବା ବୋଟ୍ ଆମ୍ବୁଲାନ୍ସ ରହୁଥିବା ସ୍ଥାନରେ ସୁରକ୍ଷିତ ଭାବେ ପହଞ୍ଚାଉଛି। ପରେ ସେଠାରେ ଥିବା ଆଉ ଏକ ଆମ୍ବୁଲାନ୍ସ ରୋଗୀଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଉଛି।

ଦିନେ ଲାଲଗଡ଼ର ଅପଖ୍ୟାତି ମୁଣ୍ଡାଇଥିବା ମାଲକାନାଗିରି ସ୍ୱାଭିମାନ ଅଞ୍ଚଳରେ ପରିଣତ ହେବା ପରେ ସେଠାକାର ଲୋକଙ୍କ ଜୀବନରେ ବହୁତ ବଡ଼ ପରିବର୍ତ୍ତନ ଆସିଛି। ଗୁରୁପ୍ରିୟା ସେତୁ ହେବା ପରେ ଗମନାଗମନ ସହଜ ହୋଇଛି। ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳିବାରେ ବିଶେଷ ଅସୁବିଧା ହେଉନାହିଁ। କିନ୍ତୁ କିଛି ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚିବା କାଠିକର ପାଠ ହେଉଛି। ତେଣୁ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ମାଇଲ ମାଇଲ ବାଟ ଡେଇଁ ଏହି ବୋଟ୍ ଆମ୍ବୁଲାନ୍ସ ପହଞ୍ଚୁଛି ଓ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛି। ଅନୁରୂପ ଭାବେ ଅନ୍ୟ ୩ ଜିଲ୍ଲାରେ ଚଳାଚଳ କରୁଥିବା ବୋଟ୍ ଆମ୍ବୁଲାନ୍ସ ମଧ୍ୟ ଦୁର୍ଗମ ଓ ପାଣିଘେରରେ ଥିବା ଲୋକଙ୍କୁ ହାତପାହାନ୍ତାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି। ଏହି ସମସ୍ତ ଅଞ୍ଚଳରେ ୧୦୦ରୁ ଅଧିକ ଗାଁରେ ଲକ୍ଷାଧିକ ଲୋକ ଉପକୃତ ହୋଇଛନ୍ତି।

ମାଲକାନାଗିରିରେ ଦୁଇଟ୍ ବୋଟ୍ ଆମ୍ବୁଲାନ୍ସ ରୋଗୀଙ୍କୁ ସେବା ଯୋଗାଉଛି। ମାଲକାନାଗିରି କୁନ୍ତରପଦର(ଚିତ୍ରକୋଣ୍ଡା ଡ୍ୟାମ୍)ର କଟୁଗୁଡା, କେଦୁଗୁଡା, ଖଟୁଆଗୁଡା, ଅନ୍‌ଞ୍ଜିରିଆଗୁଡା, ଗଧଗୁଡା, ଛପରଗୁଡା, ପଣସଗାନ୍ଧୀ, ନୀଳରାମ ଓ ସିଂହରାମ ଅଞ୍ଚଳରେ ଏହି ବୋଟ୍ ଆମ୍ବୁଲାନ୍ସଟି ମାଗଣା ସେବା ଯୋଗାଇ ଦିଆଯାଉଛି। ଅନୁରୂପ ଭାବେ ମାଲକାନାଗିରି ଅରାପଦର(ଚିତ୍ରକୋଣ୍ଡା ଡ୍ୟାମ୍)ରେ ଥିବା ବୋଟ୍ ଆମ୍ବୁଲାନ୍ସ ସର୍ବାଧିକ ବିଚ୍ଛିନ୍ନାଞ୍ଚଳକୁ ସେବା ଯୋଗାଉଛନ୍ତି। ଉକ୍ତ ବୋଟ୍ ଆମ୍ବୁଲାନ୍ସ ଘୁସୁମୁପଦର, ବାଛଲପଦର, ରାମାଗୁଡ଼ା, କୋଡ଼ିଗାନ୍ଧୀ, ତେନ୍ତୁଳିପଦର, ସନ୍ୟାସୀଗୁଡ଼ା, ସଦରମ୍‌ଗୁଡା, ତୋଟାଗୁଡ଼ା, ଦିସିରିଗୁଡ଼ା, ପିଲବୀଘାଟ, ଅମାଳିବେଢ଼ା, ଟିକରପଡ଼ା, ନରିନ୍‌ଙ୍ଗିଝୋଲା, ଅଙ୍ଗରଗୁଡ଼ା, ଢ଼ାକାଢ଼ପଦର, ଡାବୁଗୁଡ଼ା, ସାନ ଅମାଳିବେଢ଼ା, ପଣାସପଦର, ପଲାସାପଦର, ପାନପଦର, ମଜାଗୁଡ଼ା, ତାଳପଦର, ଝେଣ୍ଡାଗୁଡ଼ା, ପିଜାବାସ ଓ ଯନ୍ତ୍ରୀ ଅଞ୍ଚଳରେ ରହୁଥିବା ଲୋକେ ଉପକୃତ ହେଉଛନ୍ତି।

କେନ୍ଦ୍ରାପଡ଼ାରେ ମଧ୍ୟ ଦୁଇଟି ବୋଟ୍ ଆମ୍ବୁଲାନ୍ସ ସେବା ଯୋଗାଉଛି। କେନ୍ଦ୍ରାପଡ଼ାର ଉତ୍ତର ବରକୋଳି ଘାଟ, ନିପନିଆ ଓ ଟୁବି ଅଞ୍ଚଳରେ ଏହି ସେବା ମାଗଣାରେ ଯୋଗାଇ ଦିଆଯାଇଛି। କେନ୍ଦ୍ରାପଡ଼ାର ଗୁପ୍ତିଘାଟ ଥିବା ଆଉ ଏକ ଆମ୍ବୁଲାନ୍ସ କେରୁଆପଲ ଓ ଝୁସୁସ୍‌ପଦର ରହୁଥିବା ବିଚ୍ଛିନ୍ନାଞ୍ଚଳର ରୋଗୀଙ୍କୁ ସେବା ଯୋଗାଉଛି। ସେହିପରି କୋରାପୁଟ୍ ଜିଲ୍ଲାର ବାରଙ୍ଗଗୁଡ଼ା ଥିବା ବୋଟ୍ ଆମ୍ବୁଲାନ୍ସ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ବିଚ୍ଛିନ୍ନାଞ୍ଚଳବାସୀଙ୍କୁ ସହାୟତା କରୁଛି। ଏହି ବୋଟ୍ ଆମ୍ବୁଲାନ୍ସ ଟିକରପଡ଼ା, ମହାଦେଇପୁଟ୍, ମୁଣ୍ଡାଗଡ଼, ଦୁଲାଘାଟ, ପାତ୍ରପୁଟ୍ ଓ ଖମାରୀ ଅଞ୍ଚଳବାସୀଙ୍କୁ ସେବା ଯୋଗା ଦେଉଛି। କଳାହାଣ୍ଡି ଜିଲ୍ଲା ତେଲନାଗୀ(ଇନ୍ଦ୍ରାବତୀ) ଅଞ୍ଚଳରେ ଗୁଣ୍ଡୁରେକଲା, ତେମରା, ଗଞ୍ଜାମାହଲ, କଳାତି, କେ. ଚିପେତା, କସୁଁଲି, ମାଳିଗାଁ, ବେଣାଖେମରା, କରାବଢ଼ିର ଲୋକେ ବି ବୋଟ୍ ଆମ୍ବୁଲାନ୍ସ ଦ୍ୱାରା ସ୍ୱାସ୍ଥ୍ୟ ସୁବିଧା ପାଇଛନ୍ତି।



- ୪ ଜିଲ୍ଲାରେ ୬ଟି ବୋଟ୍ ଆମ୍ବୁଲାନ୍ସ ସେବା
- ୩୮ ମାସରେ ୧୨୨୭ ରୋଗୀଙ୍କ ଉତ୍କର୍ଷ ସେବା
- ସ୍ୱାଭିମାନ ଅଞ୍ଚଳରେ ରୋଗୀଙ୍କ ଜୀବନ ରକ୍ଷାରେ ଶିଖର ଛୁଇଁଛି
- କେନ୍ଦ୍ରାପଡ଼ା ଓ କଳାହାଣ୍ଡି ଓ କୋରାପୁଟ୍‌ବାସୀଙ୍କୁ ତତ୍କାଳ ସ୍ୱାସ୍ଥ୍ୟଗତ ସେବା

| ଜିଲ୍ଲା | ୨୦୨୧ | ୨୦୨୨ | ୨୦୨୩ | ୨୦୨୪ |
|---|---|---|---|---|
| ମାଲକାନାଗିରି | ୮୨ | ୧୮୯ | ୧୩୪ | ୧୯ |
| କଳାହାଣ୍ଡି | ୧୬ | ୮୭ | ୧୦୨ | ୧୩ |
| କେନ୍ଦ୍ରାପଡ଼ା | ୮୧ | ୨୦୫ | ୧୪୫ | ୧୯ |
| କୋରାପୁଟ୍ | ୧୭ | ୫୩ | ୫୭ | ୮ |

ସକାଳ
THE SAKALA



### ପାଣିନାଳ ଜବରଦଖଲ ଅଭିଯୋଗ

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

କୟାଁଗୋଲା, ୧୦।୩(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ଥାଲକୁଡ଼ି ପଞ୍ଚାୟତ ଥାଲକୁଡ଼ି ଓ କସବା ଗ୍ରାମର ପାଣିନାଳ ଜବରଦଖଲ ହୋଇଥିବା ଯୋଗୁଁ ବହୁ ସମସ୍ୟା ଉପୁଜୁଥିବାରୁ ଗ୍ରାମବାସୀ ଦଶରଥପୁର ତହସିଲଦାର ବିକ୍ରମ କେଶରୀ ପରିଡ଼ା ନିକଟରେ ଗତ ସେପ୍ଟେମ୍ବର ମାସ ୧ ତାରିଖରେ ଅଭିଯୋଗ କରିଥିଲେ। ରାଜସ୍ୱ ନିରିକ୍ଷକଙ୍କ ରିପୋର୍ଟ ହସ୍ତଗତ ହେବା ପରେ ଯଥାଶୀଘ୍ର ଜବରଦଖଲକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଗତ ମାସ ୨୨ ତାରିଖରେ ଦଶରଥପୁର ବ୍ଲକରେ ଜନଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ ହେବା ପରେ ଦରଖାସ୍ତ ତାଲିକା ସଂଖ୍ୟା ୬ରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଥିଲା। କିନ୍ତୁ ଦୁଃଖର କଥା ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ମଧ୍ୟ ପାଣିର ଗାର ହୋଇ ରହିଗଲା। ପୂର୍ବରୁ କେନାଲ ଜଳ ଚାଷ ଉପଯୋଗୀ ହୋଇପାରିବ ବୋଲି ତହସିଲଦାର ଆଶ୍ୱାସନା ଦେଇଥିଲେ। ତେବେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା।



ତହସିଲଦାର ବିକ୍ରମ କେଶରୀ ପରିଡ଼ାଙ୍କ ନିକଟରେ ଅଭିଯୋଗକୁ ୪ ମାସ ବିତିଗଲେ ମଧ୍ୟ ଥରେ ବି ସମସ୍ୟା ଥିବା ଅଞ୍ଚଳରେ ତଦନ୍ତ କରିବା ପାଇଁ ଯାଇ ନ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ରାଜସ୍ୱ ନିରିକ୍ଷକ ସଂଗ୍ରାମ ନାୟକଙ୍କ ରିପୋର୍ଟ ଅନୁସାରେ କସବା ଗ୍ରାମର ଅମୂଲ୍ୟ ଚନ୍ଦ୍ର ଦାସ, ପିତା ଚନ୍ଦ୍ରମଣି ଦାସ ମୌଜା କସବା ଖାତା ନମ୍ବର ୨୯, ୪୬୭/୧୫୭ ଓ ଖସଡ଼ା ନମ୍ବର ୯୦୧, ୮୯୮, ୮୯୯, ୭୦୪, ୭୧୨ର ସରକାରୀ ପାଣି ନାଳ ରହିଥିବା କହିଥିଲେ। ଦଶରଥପୁର ତହସିଲଦାର ବିକ୍ରମ ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ ଡେପୁଟି କଲେକ୍ଟର ରେକର୍ଡ ରୁମକୁ ଚିଠି ନମ୍ବର ୧୪୧୧୧ରେ ୮/୨/୨୪ରେ ଚିଠି କରାଯାଇଛି ଓ ତାହାର ରିପୋର୍ଟ ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ ବୋଲି କହିଥିଲେ। ଲୋକଙ୍କ ସମସ୍ୟା ସମାଧାନ ହୋଇପାରୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ପୂର୍ବରୁ ଗ୍ରାମବାସୀ ଚାଷ କାମ ହେଉ ବା ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟରେ ପାଣିନାଳ ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଆନ୍ତି। ଦୀର୍ଘ ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବର ଫାଇଦା ଉଠାଇ କିଛି ପ୍ରଭାବଶାଳୀ ବ୍ୟକ୍ତି ପାଣିନାଳକୁ ପୋତି ଅକ୍ତିଆର କରିନେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣିନାଳର ପୁନରୁଦ୍ଧାର କରିବାକୁ ଜିଲ୍ଲାପାଳ ପାଖରେ ସରପଞ୍ଚ ଗୀତାଞ୍ଜଳି ସେଠୀ, ଯୁବ ନେତା ଦୀପକ କୁମାର ବାରିକ, ସମାଜସେବୀ ମନୋଜ କୁମାର ସେଠୀ, କାହ୍ନୁଚରଣ ସାହୁ, ରାମଚନ୍ଦ୍ର ପାତ୍ର, ହରିହର କୁଣ୍ଡୁ, ବୃନ୍ଦାବନ ଦାସ, ସୁଦାମ କୁଣ୍ଡୁ, ନିଶାକର ପୃଷ୍ଟି ପ୍ରମୁଖ ଦାବି କରିଛନ୍ତି।

## ବାଇକ୍ ସହ ୮୦ ଲିଟର ଦେଶୀମଦ ଜବତ, ୩ ଗିରଫ



ଦାନଗଦି, ୧୦।୩(ସମିସ): ଆଜି ଅବକାରୀ ମୋବାଇଲ ସ୍କ୍ୱାଡ ଦାନଗଦି ଅଞ୍ଚଳରେ ଚଢ଼ଉ କରି ଗୋଟିଏ ବାଇକ ସହିତ ୮୦ ଲିଟର ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ମୋବାଇଲ ଦଳ ଅଧିକାରୀ ବିଜୟଲକ୍ଷ୍ମୀ ଦାସ ଯାଜପୁର ଥାନା ଦାନଗଦି ଅଞ୍ଚଳରେ ଚଢ଼ଉ କରିଥିଲେ। ଏହି ସମୟରେ ୨ ଜଣ ବ୍ୟକ୍ତି ଓ ଜଣେ ମହିଳା ଦେଶୀମଦ ବିକିବାକୁ ଯାଉଥିବା ଦେଖି ଗିରଫ କରିନେଇଥିଲେ। ସେମାନେ ହେଲେ ସୁକାନ୍ତ ରାଉତ, ଅଜୟ ବେହେରା ଓ ମିତାରାଣୀ ବେହେରା। ସେମାନଙ୍କ ମଧ୍ୟରେ ତିନୋଟି ମାମଲା ରୁଜୁ କରାଯାଇ ଯାଜପୁରରୋଡ଼ କୋର୍ଟକୁ ଚାଲାଣ କରାଯାଉଛି। ଏହି ଚଢ଼ଉରେ ସବ-ଇନ୍ସପେକ୍ଟର ବିଭୂପ୍ରସାଦ ସାହୁ, ଶ୍ରୀକାନ୍ତ ପଣ୍ଡା, ଏସଆଇ କ୍ଷୀରୋଦ କୁମାର ସାହୁ, କର୍ମଚାରୀ ବିକ୍ରମ ବେହେରା, ସତ୍ୟବାଦୀ ଭୋଇ ଓ ଲିପସା ସାହୁ ପ୍ରମୁଖ ସାମିଲ ଥିଲେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ବିଞ୍ଝାରପୁର, ୧୦।୩(ସମିସ): ବିଂଝାରପୁର ବ୍ଲକ ଅନ୍ତର୍ଗତ ଅଳକୁଣ୍ଡ ଥାନା ଅଧୀନ ନୂଆଗାଁର ସଞ୍ଜୟ ଦାସଙ୍କ ନାବାଳକ ପୁତ୍ର ସ୍ମୃତିରଞ୍ଜନ ଓରଫ ପିଙ୍କୁନ ଆଜି ପଣ୍ଡୁଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗୋଡ ଖସିଯିବାରୁ ପୋଖରୀ ଭିତରେ ବୁଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିଂଝାରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କିଛିଦିନ ତଳେ ଠିକାଦାର ଏହି ପୋଖରୀ ପୁନରୁଦ୍ଧାର ଓ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ କରିଥିଲେ। କାମକୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଛାଡି ଚାଲିଯିବାରୁ ଏହି ପୋଖରୀରେ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି।

## ତଣ୍ଡରାରେ ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

ଶଙ୍ଖଚିଲା, ୧୦।୩ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ଗ୍ରାମରେ ଦୁଇ ପରିବାର ମଧ୍ୟରେ ସାମାନ୍ୟ ଘଟଣାରୁ ଗଣ୍ଡଗୋଳ ଘଟି ମରଣାନ୍ତକ ଆକ୍ରମଣ ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ତଣ୍ଡରା ଗ୍ରାମର ପଦ୍ମନାଭ କରଙ୍କ ପୁଅ ଅଭିରାମଙ୍କ ଅଭିଯୋଗ ମୁତାବକ, ଶନିବାର ସନ୍ଧ୍ୟା ସାଢେ ୮ଟା ସମୟରେ ତାଙ୍କ ବଡ଼ଭାଇ ହଳଧର କର ତାଙ୍କ ଘର ଝରକା ପାଖରେ ପରିସ୍ରା କରୁଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ଅଙ୍କିତା କିଏ ପରିସ୍ରା କରୁଛି ବୋଲି ପାଟିକରିବାରୁ ହଳଧର ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ହଳଧରଙ୍କ ସ୍ତ୍ରୀ ପାର୍ବତୀ ଏକ ପିଠା ଖଡିକାରେ ଅଙ୍କିତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଅଙ୍କିତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାକୁ ବଞ୍ଚାଇବାକୁ ଯାଇଥିବା ଅଭିରାମଙ୍କୁ ତାଙ୍କ ଭାଇ ଓ ଭାଉଜ ମଧ୍ୟ ଆକ୍ରମଣ କରିଥିଲେ। ପାର୍ବତୀ ଏକ ପନିକିରେ ତାଙ୍କୁ ହାଣିବାକୁ ଉଦ୍ୟମ କରିବା ସମୟରେ ସେ ବୁଲିଯିବରୁ ତାଙ୍କ ଅଣ୍ଟାରେ ବାଜିବାରୁ କ୍ଷତାକ୍ତ ହୋଇ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଉଭୟ ସ୍ୱାମୀସ୍ତ୍ରୀ ତାଙ୍କୁ ପିଠା ଖଡିକାରେ ପିଟି ତାଙ୍କ ହାତକୁ ଭାଙ୍ଗିଦେଇଥିଲେ। ଫଳରେ ରକ୍ତାକ୍ତ ଅବସ୍ଥାରେ ଉଭୟ ସ୍ୱାମୀସ୍ତ୍ରୀ ଯାଜପୁରରୋଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏ ନେଇ ଅଭିଯୋଗ ପରେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଟ୍ରକ୍‌କୁ ପଛରୁ ଧକ୍କା ଦେଲା ବସ୍; ୬ ଆହତ

ପାଣିକୋଇଲି, ୧୦।୩(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଥାନା ସମ୍ମୁଖ ବା ଓଭରବ୍ରିଜ ଆରମ୍ଭରେ ଶନିବାର ବିଳମ୍ବିତ ରାତିରେ ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ର ପଛରେ ବସ୍ ଧକ୍କା ହେବାରୁ ବସ୍‌ର ସମ୍ମୁଖ ଭାଗ ଭାଙ୍ଗିବା ସହ ୬ ଜଣ ଆହତ ହୋଇଛନ୍ତି। ଶନିବାର ରାତି ପ୍ରାୟ ଅଢେଇଟା ସମୟରେ ବହଳଦାରୁ ପୁରୀ ଅଭିମୁଖେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ପାଣିକୋଇଲି ଓଭରବ୍ରିଜ ଆରମ୍ଭରେ ଆଗରେ ଯାଉଥିବା ଏକ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ୍ ପଛରେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ବସ୍‌ର ଚାଳକ ସତ୍ୟବ୍ରତ ସାହୁ ଷ୍ଟେରିଂରେ ଚାପି ହେବା ସହ ଅନ୍ୟ ଚାଳକ କମଳ ଗିରି ଆହତ ହେବା ସହ ୪ ଯାତ୍ରୀ ଆହତ ହୋଇଥିଲେ। ଘଟଣାସ୍ଥଳରେ ପାଣିକୋଇଲି ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ବସ୍ ଓ ଟ୍ରକ୍‌କୁ ଜବତ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

## ଦୁଇ ବାଇକ୍ ଧକ୍କା, ୩ ଆହତ

ପାଣିକୋଇଲି, ୧୦।୩ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୋତି ନିକଟରେ ଥିବା ପୁରୁଣା ଟୋଲ ଗେଟ୍ ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇ ତିନିଜଣ ଆହତ ହୋଇଛନ୍ତି। କଟକରୁ ବାଇକ୍‌ରେ ବାଲେଶ୍ୱର ଯାଉଥିବା ଦମ୍ପତି ପୁରୁଣା ଟୋଲ୍ ଗେଟ ନିକଟରେ କୌଣସି କାରଣରୁ ହଠାତ ବ୍ରେକ ମାରିବାରୁ ପଛରୁ ଆସୁଥିବା ଅନ୍ୟଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ପତିପତ୍ନୀଙ୍କ ସମେତ ପଛ ବାଇକ୍ ଆରୋହୀ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମର ମୀନକେତନ ଦଳାଇ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲିର ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଭାପତି ଅଶୋକ କୁମାର ଦାସ, ସଦସ୍ୟ ପ୍ରସନଜିତ ପଣ୍ଡା, ଶ୍ୱେତାଲିନା ପଣ୍ଡା, ଅଜିତ କୁମାର ସାହୁ ପ୍ରମୁଖ ପହଞ୍ଚି ଆହତଙ୍କୁ ନିକଟସ୍ଥ ଏକ ବେସରକାରୀ ନର୍ସିଂହୋମରେ ପ୍ରାଥମିକ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ତେବେ ବାଲେଶ୍ୱର ଯାଉଥିବା ଦମ୍ପତିଙ୍କ ମଧ୍ୟରୁ ପତ୍ନୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଉକ୍ତ ଦମ୍ପତିଙ୍କ ପରିଚୟ ମିଳିପାରିନାହିଁ।

## ପୁଲିସ ଚୁପ୍, ଏଚ୍‌ଆର୍‌ପିସିରେ ମହିଳାଙ୍କ ଅଭିଯୋଗ



ପାଣିକୋଇଲି, ୧୦।୩(ସମିସ): ଜଣେ ମହିଳାଙ୍କୁ ପରିବାର ପକ୍ଷରୁ ଆକ୍ରମଣ କରିବା ପରେ କୁଆଖିଆ ଥାନାରେ ଅଭିଯୋଗ ପରେ ମଧ୍ୟ ମାମଲା ରୁଜୁ ନ ହେବାରୁ ମହିଳା ଜଣଙ୍କ ଆଜି ପାଣିକୋଇଲିସ୍ଥ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ଏଚଆରପିସିରେ ଅଭିଯୋଗ କରିଛନ୍ତି। କୁଆଖିଆ ଥାନା ଅନ୍ତର୍ଗତ ସାମନ୍ତରାପୁର ଅତଲାପୁର ଗ୍ରାମର ସାଇରାବାନୁ ତାଙ୍କ ଶାଶୂଘର କଳହ ଯୋଗୁଁ ବାପଘରେ ୩ବର୍ଷ ହେବ ରହୁଛନ୍ତି। ବାପାଙ୍କ ମୃତ୍ୟୁ ପରେ ତାଙ୍କ ମାଆ ତାଙ୍କଠାରୁ ଦସ୍ତଖତ ନେଇ କିଛି ଜମି ବିକ୍ରି କରିଥିଲେ। ଏହାକୁ କେନ୍ଦ୍ର କରି ଗତ ୪ ତାରିଖରେ ତାଙ୍କ ଦୁଇଭାଇ ସେକ ତାଜଉଦ୍ଦିନ, ସେକ ସିଲ୍ଲାଉଦ୍ଦିନ ଓ ସେମାନଙ୍କ ସ୍ତ୍ରୀ ମିଳିତ ଭାବେ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଯାହାକୁ ନେଇ ସେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଏବେ ସେ ସଖି ଗୃହରେ ରହୁଥିବାବେଳେ ପୁଲିସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଛନ୍ତି। ଶୀଘ୍ର ମାମଲା ରୁଜୁ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି।

## ଲିଙ୍ଗେଶ୍ୱର ଉନ୍ନୟନ କମିଟିର ବାର୍ଷିକୋତ୍ସବ



ଷଠିପୁର, ୧୦।୩(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ପୂଣ୍ୟତୋୟା ବୈତରଣୀ କୂଳରେ ଅବସ୍ଥିତ ବାବା ଲିଙ୍ଗେଶ୍ୱର ପୀଠରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ତା'ର ୫୪ତମ ବାର୍ଷିକୋତ୍ସବ ପାଳନ କରିଛି। କମିଟିର ଉପସଭାପତି ବାସୁଦେବ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଉନ୍ନୟନ କମିଟିର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ବୃନ୍ଦାବନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉନ୍ନୟନ କମିଟି ସମ୍ପାଦକ ଗୋଲେଖ ଚନ୍ଦ୍ର ମାଝୀ ସମ୍ପାଦକୀୟ ବିବରଣୀ ପାଠ ସହ ଆନୁଷ୍ଠାନର ଅଗ୍ରଗତି, କମିଟି ଦ୍ୱାରା ସ୍ଥାନୀୟ ଅଞ୍ଚଳରେ କାରାଯାଇଥିବା ଜନମଙ୍ଗଳ କାର୍ଯ୍ୟ ଓ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ସୂଚନା ଦେଇଥିଲେ।

ମୁଖ୍ୟଅତିଥି ଭାବେ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ କେଶରୀ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପାଣିକୋଇଲି ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଲିଙ୍ଗେଶ୍ୱର ଉନ୍ନୟନ କମିଟି ପ୍ରକାଶନରେ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆଙ୍କ ସମ୍ପାଦିତ ପୁସ୍ତିକା କଥାରେ କଥାରେ ସପ୍ତସତୀ ଓ କ୍ଷେତ୍ରବାସୀ ସାହୁଙ୍କ ମା' ମଙ୍ଗଳା ମହିମା ଉନ୍ମୋଚିତ ହୋଇଥିଲା। ରାଜପଥ ପୋଟ୍ରୋଲିଂ ଅଧିକାରୀ ସବଇନ୍ସପେକ୍ଟର ଅଶୋକ କୁମାର ବଳ ଓ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ବ୍ରଜନଗର ଗ୍ରାମର କନ୍ୟା ତେଜସ୍ୱିନୀ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଜୀ ଭାସ୍କର ଚନ୍ଦ୍ର ପଣ୍ଡା ଓ ସନ୍ତୋଷିନୀ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ମଦନ ମୋହନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ଗୁରୁଜୀ/ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାପତି ବିଷ୍ଣୁ ଚରଣ ଧଳ, ନିତ୍ୟାନନ୍ଦ ପରିଡ଼ା, ଶରତ ଚନ୍ଦ୍ର ଧଳଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଶାମେଶ୍ୱର ପୀଠରେ ସାଂସ୍କୃତିକ ସମାରୋହ




ବିଂଝାରପୁର, ୧୦।୩(ସମିସ): କଣ୍ଟିପୁର ଗୟାଦେବୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ଆଞ୍ଚଳିକ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅରିଲୋ ଶାମେଶ୍ୱର ପୀଠରେ ଅନୁଷ୍ଠିତ ସମାରୋହରେ ୧୫ଟି ସ୍କୁଲର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଚାରିଟେବୁଲ ଟ୍ରଷ୍ଟର ସଭାପତି ଆନନ୍ଦ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଖିଳଚକ୍ର ଓଡ଼ିଶାର ସମ୍ପାଦକ ହରେକୃଷ୍ଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳୀୟ ସଂସ୍କୃତି ସର୍ବଭାରତୀୟ ସ୍ତରରେ ଉତ୍କର୍ଷତା ଲାଭ କରିଥିଲା। ଏହାର ସୁରକ୍ଷା ନିମନ୍ତେ ଉତ୍କଳବାସୀ ଧ୍ୟାନ ଦେବା ସହ ପାଶ୍ଚାତ୍ୟ ସଂସ୍କୃତିଠାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ।

ଶାମେଶ୍ୱର ପୀଠର ଉନ୍ନୟନ ଓ ବିକାଶ ଦିଗରେ ଯେଉଁମାନଙ୍କର ଭୂମିକା ରହିଛି ସେମାନଙ୍କୁ ମୁଖ୍ୟଅତିଥି ଶ୍ରୀ ପଣ୍ଡା ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଆଡଭୋକେଟ ଅମ୍ବିକା ପ୍ରସାଦ ସାମଲ, କବି ନିରଞ୍ଜନ ବେହେରା, ଅରୁଣ କୁମାର ସାମଲ, ବୀରେନ୍ଦ୍ର କୁମାର ନାୟକ, ଆଶିଷ କୁମାର ସାମଲ, ବିଶ୍ୱନାଥ ସାମଲ, ଅଟଳ ବିହାରୀ ନାୟକ ପ୍ରମୁଖ ସାଂସ୍କୃତିକ ବିକାଶରେ ସମାଜର ବିକାଶ ହୋଇଥାଏ ବୋଲି କହିଥିଲେ। ଏ ଅବସରରେ ଶାମେଶ୍ୱର ଉନ୍ନୟନ କମିଟିର ବରିଷ୍ଠ ସଂଗଠକ ଅଜିତ କୁମାର ସାମଲ, ସଭାପତି ନରହରି ସାମଲ, ଅଟଳ ବିହାରୀ ନାୟକ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାମଲଙ୍କୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ବିଚାରକ ଭାବେ ଗଣେଶ ପ୍ରସାଦ ସାମଲ, ଦିଲ୍ଲୀପ କୁମାର ସାମଲ, ପବିତ୍ର ମୋହନ ଦାଶ, ଅମ୍ବିକା ପ୍ରସାଦ ସାମଲ, ଦିଗମ୍ବର ପରିଡ଼ା, ଅଧ୍ୟାପକ କୃଷ୍ଣଚନ୍ଦ୍ର ସାମଲ, ପ୍ରଫୁଲ୍ଲ କୁମାର ସାମଲ ଯୋଗ ଦେଇଥିଲେ। ଅଟଳ ବିହାରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ 'ସୁସ୍ଥତା ଦିବସ' ପାଳିତ

ଦାନଗଦି, ୧୦।୩(ସମିସ): କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ପ୍ଲଟ୍-୨୦ରେ 'ସୁସ୍ଥତା ଦିବସ' ପାଳିତ ହୋଇଯାଇଛି। ଟିଏସ୍‌କେର ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ବିଭାଗର ମୁଖ୍ୟ ଅଜିତ କର ଓ ଟାଟା ଷ୍ଟିଲ୍ କଳିଙ୍ଗନଗର ଶ୍ରମିକ ସଂଘ ସଭାପତି ରବୀନ୍ଦ୍ର ଜାମୁଦା ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଟିଏସ୍‌କେ ଓ ସଂଘର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଉତ୍ସବରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ମିଶାଇ ପାଖାପାଖି ୨୦୦ ଜଣ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବରେ ଗଣଦୌଡ଼, ଯୋଗ ଅଧିବେଶନ, ପୋଷଣ ସମ୍ପର୍କରେ ସୂଚନାମୂଳକ ଆଲୋଚନା ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଟାଟା ଷ୍ଟିଲ୍ କଳିଙ୍ଗନଗରର ୱେଲନେସ୍ କମିଟି ପକ୍ଷରୁ ସୁସ୍ଥ ଅଭ୍ୟାସ ବୃଦ୍ଧି, ସନ୍ତୁଳିତ ଓ ସୁସ୍ଥ ଜୀବନଶୈଳୀ ବଜାୟ ରଖିବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ନିୟମିତ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

## ୧୨ରୁ ବେଣାପୁର ଗ୍ରାମରେ ବାଦୀପାଲା

ବଡ଼ଚଣା, ୧୦।୩ (ସମିସ): ଦୀର୍ଘବର୍ଷର ସାଂସ୍କୃତିକ ଓ ସାହିତ୍ୟ ସମ୍ପନ୍ନ ସତ୍ୟନାରାୟଣ ବାଦୀପାଲା ପ୍ରତିବର୍ଷ ଭଳି ଚଳିତ ବର୍ଷ ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ପଞ୍ଚାୟତ ଅଧୀନସ୍ଥ ବେଣାପୁର ଗ୍ରାମରେ ଆସନ୍ତା ୧୨ରୁ ୧୬ ତାରିଖ ଯାଏ ୫ ରାତି ବାଦୀପାଲା ଅନୁଷ୍ଠିତ ହେବ। ଏଠାରେ ପାଲା ପରିବେଷଣ କରିବେ ରାଜ୍ୟର ପ୍ରତିଷ୍ଠିତ ଓ ସୁନାମ ଧନ୍ୟ ଗାୟକ ବାଣୀକଣ୍ଠ ଗଗନ ବିହାରୀ ମହାପାତ୍ର ଓ ଗାୟକ ଉଜ୍ଜ୍ୱଳ ବିଜୟ କୁମାର ଓଝା। ଦୁଇ ଗାୟକ ଏଠାରେ ସାହିତ୍ୟପ୍ରେମୀ ଓ ପାଲାକୁ ଭଲପାଉଥିବା ଜଣସାଧାରଣଙ୍କୁ ବିଭିନ୍ନ ପ୍ରସଙ୍ଗରେ ପାଲା ଶୁଣାଇବେ। ଏହି ୫ ରାତି ପାଲାକୁ ସ୍ଥାନୀୟ ଅଞ୍ଚଳର ସାହିତ୍ୟ ଓ ସଂସ୍କୃତିପ୍ରେମୀ ଜନସାଧାରଣ ଯୋଗଦେଇ ପାଲା ଶୁଣିବା ପାଇଁ ବେଣାପୁର ଗ୍ରାମ କମିଟି ପକ୍ଷରୁ ନିବେଦନ କରାଯାଇଛି।

## ଲୋକନାଥ ମନ୍ଦିରରେ ବାଦୀପାଲା

ବ୍ୟାସନଗର, ୧୦।୩(ସମିସ): ପହଙ୍ଗା ପଞ୍ଚାୟତର ରାଉତାରାପୁର ଗ୍ରାମସ୍ଥ ବାବା ଲୋକନାଥ ମହାଦେବ ମନ୍ଦିରରେ ୪୫ତମ ମହାଶିବରାତ୍ରି (ଜାଗର) ପାଳନ କରାଯାଇଛି। ସକାଳୁ ପ୍ରଭୂ ଲୋକନାଥ ମନ୍ଦିରରେ ନୀତିକାନ୍ତି କରି ପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ବାଦୀପାଲା ଅନୁଷ୍ଠିତ ହେଉଛି। ଏହି ପାଲାରେ ଅସ୍ତରଙ୍ଗ ପୁରୀର ଗାୟକ ତ୍ରିଲୋଚନ ନାୟକ ଓ ଜଗତସିଂହପୁରର ଗାୟକ ବିନୋଦ ପ୍ରସନ୍ନ ପଟ୍ଟନାୟକ ଅଂଶଗ୍ରହଣ କରିଛନ୍ତି। ସତ୍ୟନାରାୟଣ ପାଲା କମିଟିର ସଭାପତି ସତ୍ୟାନନ୍ଦ ପରିଡ଼ା, ଉପସଭାପତି ଅଭିମନ୍ୟୁ ବ୍ରହ୍ମ, ସମ୍ପାଦକ ପୀତାମ୍ବର ବ୍ରହ୍ମ, କୋଷାଧ୍ୟକ୍ଷ ମହେନ୍ଦ୍ର ଦାସ ଓ କର୍ମକର୍ତ୍ତା ବିପିନ ବ୍ରହ୍ମ, ପ୍ରମୋଦ ରାଉତ, ଆନନ୍ଦ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ମା' ବିରଜା ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ

ଯାଜପୁର, ୧୦।୩(ସମିସ): ଯାଜପୁର ସହର କୁଆଁସରପୁରରେ ମା' ବିରଜା ପ୍ରାଥମିକ କୃଷି ସମବାୟ ସମିତି ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ବେଣୁଧର ମଲ୍ଲିକ, ପରିଚାଳକ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କେଦାର ବେହେରା, ସ୍ଥାନୀୟ କାଉନସିଲର ତିଲୋତ୍ତମା ରାୟ ପ୍ରମୁଖ ଯୋଗଦେଇ ଯାଜପୁର ସହରରେ ମା' ବିରଜା ପ୍ରାଥମିକ କୃଷି ସମବାୟ ସମିତି ଖୋଲାଯିବାରୁ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ସହରବାସୀ ଉପକୃତ ହୋଇପାରିବେ। ବିଭିନ୍ନ କ୍ଷେତ୍ରରେ ସମବାୟ ସମିତି ଚାଷୀଙ୍କୁ ସହାୟତା ଯୋଗାଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

# ଧର୍ମଶାଳା ବିଜେଡି ପକ୍ଷରୁ ମହିଳା ସମାବେଶ

କବାଟବନ୍ଧ, ୧୦।୩ (ସମିସ): ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ଅଧୀନ ମର୍ଜିତାପୁର ପଞ୍ଚାୟତସ୍ଥ ହିଙ୍ଗୁଳା ପଡ଼ିଆରେ ରବିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ଆୟୋଜିତ ସଭାରେ ଜିଲ୍ଲା ମହିଳା ସଭାନେତ୍ରୀ ରେଣୁବାଳା ଶତପଥୀ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ରସୁଲପୁର ବ୍ଲକ ଚେୟାରମ୍ୟାନ ଅରୁଣ କୁମାର ପରିଡ଼ା, ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଜିଲ୍ଲା ଉପସଭାନେତ୍ରୀ ମିନତୀ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ରାଜଶ୍ରୀ ଦାସ, ୧୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ୧୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ୧୩ ନମ୍ବର ଜୋନର ସ୍ମୃତିରେଖା ବେହେରା, ୩୪ ନମ୍ବର ଜୋନ୍‌ର ମମତା ଖୁଣ୍ଟିଆ, ଗାର୍ଲସ ଉଇଙ୍ଗ ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲ୍ଲିକ, ବ୍ଲକ ଯୁବ ବିଜେଡି ସଭାପତି, କ୍ଷୀତିଶ ନାୟକ, ସାଂସଦଙ୍କ ପ୍ରତିନିଧି ଉତ୍କଳମଣି ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ସଙ୍ଗୀତ ମାଧ୍ୟମରେ ରିନୁଲତା ମଲିକ ଓ ଅବନ୍ତୀ ଜେନା, ସୁରେଖା ନାୟକ ଭଜନ ପରିବେଷଣ କରିଥିଲେ। ଅତିଥିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ମହିଳାଙ୍କ ସଶକ୍ତିକରଣ ଓ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବହୁ ମହିଳା ସାମିଲ ହୋଇଥିଲେ। ବ୍ଲକ ସଭାନେତ୍ରୀ ବିଶ୍ୱବନ୍ଦନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



# ଦନ୍ତାହାତୀ ସହ ସଂଘର୍ଷରେ ହାତୀ ଶାବକ ମୃତ



**ମଶାଘାଟି ପାହାଡ଼ରୁ ମିଳିଲା ମୃତଦେହ**

**କେନ୍ଦୁଝର/ହାଟଡିହୀ/ସୋସୋ,୧୦ ।୩(ସମିସ):** ଆନନ୍ଦପୁର ବନଖଣ୍ଡ ହଦଗଡ଼ ବନାଞ୍ଚଳ ହସ୍ତୀ ଅଭୟାରଣ୍ୟର ମଶାଘାଟି ପାହାଡ଼ରେ ଏକ ହାତୀ ଶାବକର ମୃତ୍ୟୁ ଘଟିଛି। ମୃତ ଶାବକ ଏକ ଅଣ୍ଡିରା ହାତୀ ଓ ତା' ବୟସ ୬ରୁ ୭ବର୍ଷ ମଧ୍ୟରେ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଭୟାରଣ୍ୟର କାଠକଟା ସେକ୍ସନ୍ ଅନ୍ତର୍ଗତ ମଶାଘାଟି ପାହାଡ଼ ନିକଟରେ ମୃତଦେହ ପଡ଼ିଥିବା ଗତ ଶୁକ୍ରବାର ଦେଖିବାକୁ ମିଳିଥିଲା। ବନ ବିଭାଗର କର୍ମଚାରୀ ଏହା ଦେଖିବା ପରେ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଆନନ୍ଦପୁର ଡିଏଫ୍ଓ ଅଭୟ କୁମାର ଦଳେଇଙ୍କ ସମେତ ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁ ଶନିବାର ଅପରାହ୍ଣରେ ଘଟଣାସ୍ଥଳରେ ପହଞ୍ଚି ହାତୀ ଶାବକର ମୃତଦେହ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ କରାଇ ରାତି ପ୍ରାୟ ୭ଟା ବେଳେ ପୋତି ଦେଇଥିବା ଜଣାଯାଇଛି। ତେବେ ଏକ ଦନ୍ତାହାତୀ ସହ ସଂଘର୍ଷ ଯୋଗୁଁ ହାତୀ ଶାବକର ମୃତ୍ୟୁ ଘଟିଥିବା ବନବିଭାଗ ତରଫରୁ ସୂଚନା ଦିଆଯାଇଛି।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-256 ♦BHUBANESWAR ♦MONDAY ♦11 MARCH 2024 ♦PAGE-12+12 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୬ ♦ଭୁବନେଶ୍ୱର ♦ସୋମବାର ♦୧୧ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୨+୧୨ ♦ଟ.୬.୦୦








## ଏସ୍‌ୟୁଭି ଚାପିଦେଲା; ଗର୍ଭବତୀଙ୍କ ସମେତ ୪ ମୃତ

ଜୟପୁର, ୧୦।୩ (ଏଜେନ୍ସି): ରାଜସ୍ଥାନ ଦେଗନାରେ ରବିବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ବସ୍ ପାଇଁ ଅପେକ୍ଷା କରିଥିବା ଲୋକଙ୍କୁ ଏକ ଏସ୍‌ୟୁଭି ଚାପି ଦେଇଛି। ଏଥିରେ ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ଛୋଟୁ ରାମ, ତାଙ୍କ ଗର୍ଭବତୀ ପତ୍ନୀ ସୁମନ, ୨ ବର୍ଷର ପୁଅ ହ୍ରିତିକ ଏବଂ ପରିବାରର ଅନ୍ୟ ଜଣେ ମହିଳା ସାମିଲ ଅଛନ୍ତି। ପୁଲିସ ସୂଚନା ଅନୁଯାୟୀ ଏମାନେ ସମସ୍ତେ ଶ୍ରମିକ ଥିଲେ। ଏକ ବିବାହ କାର୍ଯ୍ୟକ୍ରମକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରି ରହିଥିଲେ। ଏହି ସମୟରେ ସ୍କର୍ପିଓ ଡ୍ରାଇଭର ସମସ୍ତଙ୍କୁ ଗାଡ଼ି ଚଢ଼ାଇ ଫେରାର ହୋଇ ଯାଇଥିଲା। ତାକୁ ଧରିବା ପାଇଁ ପ୍ରୟାସ ଜାରି ରହିଛି। ମାମଲା ରୁଜୁ କରି ମୃତଦେହକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି।

## ଟ୍ରକ୍ ଧକ୍କାରେ ୭ ଜଣଙ୍କ ମୃତ୍ୟୁ; ୨ ଗୁରୁତର

ଲକ୍ଷ୍ନୌ, ୧୦।୩ (ଏଜେନ୍ସି): ଉତ୍ତରପ୍ରଦେଶ ଯୌନପୁରର ପ୍ରସାଦ ତିରାହେ ନିକଟରେ ରବିବାର ବଡ଼ି ଭୋରରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଠାରେ ଏକ ଟ୍ରକ୍ କାର୍‌କୁ ଧକ୍କା ଦେଇ ଶହେ ମିଟର ପର୍ଯ୍ୟନ୍ତ ଟାଣି ନେଇଛି। ଏଥିରେ କାର୍‌ରେ ଯାଉଥିବା ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ଏହି ପରିବାର ବିହାର ସୀତାମଢ଼ିର ବାସିନ୍ଦା। ସମସ୍ତେ ପୁଅର ନିର୍ବନ୍ଧ ପାଇଁ ପ୍ରୟାଗରାଜ ଯାଉଥିଲେ। ମାତ୍ର ଗୌରା ବାଦସାହପୁରର ପ୍ରସାଦ କଲେଜ ନିକଟରେ ପହଞ୍ଚିଥିବାବେଳେ ସାମ୍ନାରୁ ଆସୁଥିବା ଏକ ଟ୍ରକ୍ କାର୍‌କୁ ଧକ୍କା ଦେଇଥିଲା। ଏଥିରେ ପୁଅର ବାବା, ୨ ଭାଇ, ୬ ବର୍ଷର ପୁତୁରା, ଭାଉଜ, ମାମୁମାଇଁଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। କାର୍ କାଟି ମୃତଦେହକୁ ବାହାର କରାଯାଇଛି।

## ସିବିଆଇ ହେପାଜତକୁ ଗଲା ଶାହାଜାହାନ

କୋଲକାତା, ୧୦।୩ (ଏଜେନ୍ସି): ସନ୍ଦେଶଖାଲି ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଟିମ୍ ଉପରେ ହୋଇଥିବା ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଶାହାଜାହାନ ଶେଖକୁ ଚାରି ଦିନ ପାଇଁ ସିବିଆଇ ହେପାଜତକୁ ପଠାଇ ଦିଆଯାଇଛି। ପଶ୍ଚିମବଙ୍ଗ ବସିରହାଟ ସବ-ଡିଭିଜନାଲ କୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି। ଏହା ପୂର୍ବରୁ କୋଲକାତା ହାଇକୋର୍ଟଙ୍କ ନିଷ୍ପତ୍ତି ପରେ ରାଜ୍ୟ ପୁଲିସର ସିଆଇଡି ଶେଖକୁ ସିବିଆଇକୁ ହସ୍ତାନ୍ତର କରିଥିଲା। ତା ବିରୋଧରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଏବଂ ଜମି ହଡ଼ପ ଅଭିଯୋଗ ମଧ୍ୟ ଲାଗିଛି।

## ପାକିସ୍ତାନ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ

ଇସଲାମାବାଦ, ୧୦।୩ (ଏଜେନ୍ସି): ଆସିଫ ଅଲି ଜରଦାରୀ ପାକିସ୍ତାନର ନୂଆ ରାଷ୍ଟ୍ରପତି ଭାବେ ରବିବାର ଶପଥ ଗ୍ରହଣ କରିଛନ୍ତି। ଇସଲାମାବାଦ ସ୍ଥିତ ରାଷ୍ଟ୍ରପତି ଭବନ ଏୱାନ-ଇ-ସଦରରେ ଦେଶର ପ୍ରଧାନ ବିଚାରପତି କାଜି ଫୈଜ ଇସା ତାଙ୍କୁ ଶପଥପାଠ କରାଇଛନ୍ତି। ଏହି ସମୟରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ, ପୂର୍ବତନ ରାଷ୍ଟ୍ରପତି ଆରିଫ ଅଲଭି, ହାଇକୋର୍ଟ ବିଚାରପତିଙ୍କ ସମେତ ଅନେକ ବିଦେଶୀ କୂଟନୀତିଜ୍ଞ ଉପସ୍ଥିତ ଥିଲେ।

## ୫ ଶାବକ ଜନ୍ମଦେଲା ଚିତା 'ଗାମିନୀ'

ଭୋପାଳ, ୧୦।୩ (ଏଜେନ୍ସି): ମଧ୍ୟପ୍ରଦେଶ କୁନୋ ଜାତୀୟ ଉଦ୍ୟାନରୁ ପୁଣି ଖୁସି ଖବର ଆସିଛି। ଦକ୍ଷିଣ ଆଫ୍ରିକାରୁ ଅଣାଯାଇଥିବା ୫ ବର୍ଷୀୟ ଚିତା ବାଘ 'ଗାମିନୀ' ୫ ଶାବକଙ୍କୁ ଜନ୍ମ ଦେଇଛି। କେନ୍ଦ୍ରମନ୍ତ୍ରୀ ଭୁପେନ୍ଦ୍ର ଯାଦବ ରବିବାର ଏହି ସୂଚନା ଦେଇଛନ୍ତି। ସେ ଜାତୀୟ ଉଦ୍ୟାନର ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଶାବକଙ୍କୁ ଗାମିନୀ ଗେଲ କରୁଥିବାର ଭିଡିଓ ଏବଂ ଫଟୋକୁ ସେ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି। ଏହା ସହିତ କୁନୋରେ ଚିତା ଶାବକଙ୍କ ସଂଖ୍ୟା ୧୩ରେ ପହଞ୍ଚି ଯାଇଛି। ମୋଟ ଚିତା ସଂଖ୍ୟା ୨୬ ହୋଇଛି।

## ତିବ୍ବତରେ ଚୀନ୍ ବିରୋଧରେ ବିକ୍ଷୋଭ

ନୂଆଦିଲ୍ଲୀ,୧୦।୩(ଏଜେନ୍ସି): ସ୍ୱଦେଶରୁ ନିର୍ବାସିତ ହୋଇ ଭାରତରେ ଆଶ୍ରୟ ନେଇଥିବା ପ୍ରାୟ ୩ଶହ ତିବ୍ବତୀୟ ଆଜି ତିବ୍ବତର ପତାକା ଓ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ଫଟୋ ଧରି ପାର୍ଲାମେଣ୍ଟ ନିକଟରେ ଏକତ୍ରିତ ହୋଇ ଚୀନ ବିରୋଧୀ ସ୍ଲୋଗାନ୍ ଦେଇଥିଲେ। ସେମାନେ କହୁଥିଲେ ଯେ ତିବ୍ବତ କେବେ ବି ଚୀନର ଅଂଶ ନଥିଲା। ତିବ୍ବତ ଉପରେ ଚୀନର ତିଳେମାତ୍ର ଅଧିକାର ନାହିଁ। ଚୀନ ତୁରନ୍ତ ତିବ୍ବତ ଛାଡ଼ୁ। ତିବ୍ବତରେ ଚୀନ ମାନବିକ ଅଧିକାରର କ୍ଷୁର୍ଣ୍ଣ କରୁଛି ବୋଲି ବିକ୍ଷୋଭକାରୀମାନେ ପ୍ରକାଶ କରିଛନ୍ତି। ଆଜି ଥିଲା ୬୫ତମ ତିବ୍ବତ ବିଦ୍ରୋହ ଦିବସ। ୬୫ ବର୍ଷ ତଳେ ଆଜିର ଦିନରେ ତିବ୍ବତୀୟମାନେ ଚୀନର ଅନଧିକାର ତିବ୍ବତ ଦଖଲର ତୀବ୍ର ପ୍ରତିବାଦ କରି ବିଦ୍ରୋହର ଆହ୍ୱାନ ଦେଇଥିଲେ।

### ୧୫ ସୁଦ୍ଧା ଦୁଇ ନିର୍ବାଚନ କମିଶନ ନିଯୁକ୍ତି

# ସିଇସିଙ୍କ ସହ ମତଭେଦରୁ ଗୋୟଲଙ୍କ ଇସ୍ତଫା !

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି)




ଲୋକସଭା ନିର୍ବାଚନ ଘୋଷଣା ପୂର୍ବରୁ ୨ ନିର୍ବାଚନ କମିଶନର (ଇସି) ପଦବୀ ଖାଲି ରହିଛି। ୧୫ ତାରିଖ ସୁଧା ଏହି ପଦବୀ ପୂରଣ ହେବ। ଇସି ନିଯୁକ୍ତି ଲାଗି ୧୩ କିମ୍ବା ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କମିଟିର ବୈଠକ ବସିବ ବୋଲି ସୂଚନା ମିଳିଛି। ଏହି ଦୁଇ ପଦବୀ ପୂରଣ ଲାଗି କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ନେତୃତ୍ୱରେ ସ୍ୱରାଷ୍ଟ୍ର ଏବଂ କାର୍ମିକ ମନ୍ତ୍ରାଳୟର କ୍ୟାବିନେଟ ସଚିବଙ୍କୁ ନେଇ ଏକ ଅନୁସନ୍ଧାନ କମିଟି ଗଠନ କରାଯାଇଛି। ଏହି କିମିଟି ପଦବୀ ପୂରଣ ଲାଗି ୧୦ ଜଣଙ୍କ ନାମ ସ୍ଥିର କରିବେ। ପରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କମିଟି ଏହା ଉପରେ ଶେଷ ନିଷ୍ପତ୍ତି ନେଇ ରାଷ୍ଟ୍ରପତିଙ୍କୁ ନାମ ସୁପାରିସ କରିବେ।

ଗତ ଫେବୃଆରୀରେ ଇସି ଅନୁପ ଚନ୍ଦ୍ର ପାଣ୍ଡେ ଅବସରଗ୍ରହଣ କରିଥିଲେ। ଶନିବାର ଅନ୍ୟତମ ଇସି ଅରୁଣ ଗୋୟଲ ଅଚାନକ ଇସ୍ତଫା ଦେଇଥିଲେ। ୩ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନରେ ଏବେ କେବଳ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଅଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସିଇସିଙ୍କ ସହ ମତଭେଦ ତୀବ୍ର ହେବା କାରଣରୁ ଗୋୟଲ ଇସ୍ତଫା ଦେଇଥିଲେ। ତେବେ ଗୋୟଲ ଏଥିପାଇଁ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ସେ ଇସ୍ତଫା ନ ଦେବା ପାଇଁ କେନ୍ଦ୍ର ପକ୍ଷରୁ ପ୍ରୟାସ କରାଯାଇଥିଲା। ଗୋୟଲଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଠିକ୍ ଥିଲା। ଏଥିପାଇଁ ଖରାପ ସ୍ୱାସ୍ଥ୍ୟଗତ ସମସ୍ୟା ଇସ୍ତଫାର କାରଣ ନୁହେଁ ବୋଲି କୁହାଯାଉଛି।

ଅନ୍ୟ ଏକ ରିପୋର୍ଟ ଅନୁଯାୟୀ କିଛି ଦିନ ତଳେ ସିଇସି ଏବଂ ଇସି ଗୋୟଲ ଲୋକସଭା ନିର୍ବାଚନର ପ୍ରସ୍ତୁତି ସମୀକ୍ଷା ପାଇଁ ପଶ୍ଚିମବଙ୍ଗ ଗସ୍ତ କରିଥିଲେ। ମତଭେଦ କାରଣରୁ ଏଠାକାର ପ୍ରସ୍ତୁତି ସମ୍ବନ୍ଧିତ ସୂଚନା ଦେବା ପାଇଁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ମାତ୍ର ଏଥିରେ ସାମିଲ ହେବେ ନାହିଁ ବୋଲି ଗୋୟଲ ମନା କରିଦେଇଥିଲେ। ଏହା ପରେ ମାର୍ଚ୍ଚ ୫ ତାରିଖରେ ରାଜୀବ କୁମାର ଏକାକୀ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଯୋଗୁଁ ଗୋୟଲ ଦିଲ୍ଲୀ ଚାଲି ଯାଇଥିବା କହିଥିଲେ। ଗୋୟଲଙ୍କ ଇସ୍ତଫାକୁ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ନିର୍ବାଚନ କମିଶନ ନା ନିର୍ବାଚନ ଓମିଶନ। ଲୋକସଭା ନିର୍ବାଚନ ପୂର୍ବରୁ ଏପରି କାହିଁକି ହେଉଛି? ସ୍ୱାଧୀନ ସଂସ୍ଥାକୁ ଶେଷ କରିବା ପୂର୍ବରୁ ଅଟକା ନ ଗଲେ ଗଣତନ୍ତ୍ରକୁ ଏକଛତ୍ରଶାସକ କବ୍ଜା କରିନେବେ। ସେହିପରି ଜୟରାମ ରମେଶ ଇସିଙ୍କ ଇସ୍ତଫାକୁ ନେଇ ୩ ପ୍ରଶ୍ନ ପଚାରିଛନ୍ତି। ସିଇସି ଏବଂ ଇସିଙ୍କ ମଧ୍ୟରେ ମତଭେଦ ଥିଲା କି? ସରକାରଙ୍କ ସହ ତାଙ୍କର ମତଭେଦ ଥିଲା କି? କିମ୍ବା ସେ ବିଜେପି ଟିକଟରେ ନିର୍ବାଚନ ଲଢ଼ିବେ କି ବୋଲି ପଚାରିଛନ୍ତି।

## ଲେମ୍ବୁର ଦାମ ୩୫ ହଜାର ଟଙ୍କା

ଚେନ୍ନଇ, ୧୦।୩ (ଏଜେନ୍ସି): ଗୋଟିଏ ଲେମ୍ବୁ ୩୫ ହଜାର ଟଙ୍କାରେ ବିକ୍ରି ହୋଇଛି। ଯେକେହି ଏହା ଶୁଣିଛନ୍ତି ସେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ଏହି ଲେମ୍ବୁ ନେବା ପାଇଁ ପ୍ରତିଯୋଗିତା ଲାଗି ରହିଥିଲା। ତେଣୁ ଏହାର ନିଲାମ କରାଯାଇଥିଲା। ଏଥିରେ ୧୫ ଜଣ ଲୋକ ଭାଗନେଇଥିଲେ। ମହାଶିବରାତ୍ରୀ ଅବସରରେ ତାମିଲନାଡୁ ଇରୋଡର ଶିବଗିରି ଗ୍ରାମରେ ଥିବା ମନ୍ଦିରରେ ଏହି ଲେମ୍ବୁ ଭୋଗ ଲାଗିଥିଲା। ଇରୋଡର ଜଣେ ଭକ୍ତ ଏହାକୁ ନିଲାମରେ ନେଇଥିଲେ। ଏହା ସହିତ ଅନ୍ୟ ପ୍ରସାଦ ମଧ୍ୟ ନିଲାମ କରାଯାଇଥିଲା। ଏହି ମନ୍ଦିରରେ ଦୀର୍ଘ ଦିନ ହେଲା ଏପରି ପରମ୍ପରା ଚାଲିଆସିଛି। ପଝାପୁସିୟନ ମନ୍ଦିରର ପୂଜାରୀ ନିଲାମ କରାଯାଇଥିବା ଲେମ୍ବୁକୁ ଭଗବାନ ଶିବଙ୍କ ନିକଟରେ ରଖିଥିଲେ। ପରେ ଏକ ପୂଜା କରି ଭକ୍ତଙ୍କ ଉପସ୍ଥିତିରେ ସେହି ଲେମ୍ବୁକୁ ନିଲାମ ଧାରକଙ୍କୁ ନେଇଥିଲେ। ମାନ୍ୟତା ଅନୁଯାୟୀ ଯେଉଁ ବ୍ୟକ୍ତି ଏହି ଲେମ୍ବୁ ନେଇଥାନ୍ତି, ସେହି ବ୍ୟକ୍ତିଙ୍କୁ ଧନଧାନ୍ୟ ଏବଂ ଆରୋଗ୍ୟ ରହିବାର ଆଶୀର୍ବାଦ ମିଳିଥାଏ।

### ■ ଲୋକସଭା ନିର୍ବାଚନ ପାଇଁ ଟିଏମ୍‌ସିର ପ୍ରାର୍ଥୀ ଘୋଷଣା

# ରଚନା ବାନାର୍ଜୀ, ୟୁସୁଫ ପଠାନ, କିର୍ତ୍ତି ଆଜାଦଙ୍କୁ ଟିକଟ

କୋଲକାତା, ୧୦।୩ (ଏଜେନ୍ସି)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରାଜ୍ୟର ସମସ୍ତ ୪୨



ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଦଳ ଅଭିନେତ୍ରୀ ରଚନା ବାନାର୍ଜୀ (ହୁଗୁଳୀ), ପୂର୍ବତନ କ୍ରିକେଟର ୟୁସୁଫ ପଠାନ (ବରହାମପୁରା), କିର୍ତ୍ତି ଆଜାଦ (ଦୁର୍ଗାପୁର)ଙ୍କୁ ଟିକଟ ଦେଇଛି। କଂଗ୍ରେସ ସାଂସଦ ଅଧିର ରଞ୍ଜନ ଚୌଧୁରୀଙ୍କ ବିରୋଧରେ ୟୁସୁଫଙ୍କୁ ପ୍ରାର୍ଥୀ କରାଯାଇଛି। ଏହା ବ୍ୟତୀତ ଆସନସୋଲରୁ ଅଭିନେତା ଶତ୍ରୁଘ୍ନ ସିହ୍ନା, ଘାଟଲରୁ ଦୀପକ ଅଧିକାରୀ ଦେବଙ୍କୁ ଏବଂ କୃଷ୍ଣାନଗରରୁ ପୁଣି ମହୁଆ ମୋଇତ୍ରଙ୍କୁ ଟିକଟ ଦିଆଯାଇଛି।

### ଦିଦିଙ୍କ ସହ ୪୨ ପ୍ରାର୍ଥୀଙ୍କ ର‍୍ୟାମ୍ପ ୱାକ୍

ମାତ୍ର ବସିରହାଟରୁ ଅଭିନେତ୍ରୀ ନୁସରତ ଜହାଁ ଏବଂ ଜାଦବପୁରରୁ ମିମି ଚକ୍ରବର୍ତ୍ତୀଙ୍କ ଟିକଟ କାଟି ଦିଆଯାଇଛି। ବର୍ତ୍ତମାନର ୧୬ ସାଂସଦଙ୍କୁ ପୁଣି ପ୍ରାର୍ଥୀ କରାଯାଇଛି। ଏମାନଙ୍କ ମଧ୍ୟରେ ୧୨ ମହିଳା ସାମିଲ ଅଛନ୍ତି।

ପ୍ରାର୍ଥୀ ଘୋଷଣା ପାଇଁ କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଏକ ରାଲି ଆୟୋଜନ କରାଯାଇଥିଲା। ଏଥିରେ ମମତା ଦିଦିଙ୍କ ପୁତୁରା ଅଭିଷେକ ବାନାର୍ଜୀ ସମସ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ଜଣଙ୍କ ପରେ ଜଣେ ଆସି ଦିଦିଙ୍କ ପଛରେ ର‍୍ୟାମ୍ପ ୱାକ୍ କରିଥିଲେ। ତେବେ ଟିକଟ ନ ମିଳିବାରୁ ବିଜେପିରୁ ପୁଣି ଟିଏମ୍‌ସି ଫେରିଥିବା ଅର୍ଜୁନ ସିଂହ ଅଧାରୁ ସଭା ଛାଡ଼ି ପଳାଇ ଥିଲେ। ପ୍ରଥମ ଥର ପାଇଁ କୌଣସି ଏକ ଦଳ ଏପରି ରାଲି କରି ପ୍ରାର୍ଥୀ ଘୋଷଣା କରିଛି। ମମତା ବିରୋଧୀ ମେଣ୍ଟରେ ସାମିଲ ହୋଇଥିବାବେଳେ ଏକାକୀ ରାଜ୍ୟରେ ଲଢ଼ିବେ ବୋଲି ପୂର୍ବରୁ ଘୋଷଣା କରିଥିଲେ।

## ଲାଲୁଙ୍କ ଘନିଷ୍ଠ ସୁଭାଷ ଯାଦବଙ୍କୁ ଗିରଫ କଲା ଇଡି

ପାଟନା, ୧୦।୩(ଏଜେନ୍ସି)

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ଘନିଷ୍ଠ ସହଯୋଗୀ ସୁଭାଷ ଯାଦବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଛି। ବିହାରରେ ବେଆଇନ ବାଲି ଖନନ ଓ ସେ ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ଇଡି ଟିମ୍ ଗତକାଲି (ଶନିବାର) ସୁଭାଷ ଯାଦବଙ୍କ ବାସଭବନ, ଅଫିସ ଓ ତାଙ୍କ ନିକଟ ସମ୍ପର୍କିୟଙ୍କ ୬ରୁ ଅଧିକ ଠିକଣାରେ ଚଢ଼ଉ ଓ ଖାନତଲାସ କରିଥିଲା। ଇଡି ଟିମ୍ ସେସବୁ ସ୍ଥାନରୁ ନଗଦ ୨କୋଟି ୩୦ଲକ୍ଷ ଟଙ୍କା ଜବତ କରିବା ପରେ ସୁଭାଷଙ୍କୁ ଗିରଫ କରାଯାଇ ଆଜି ଏକ ଅଦାଲତରେ ହାଜର କରାଯାଇଥିଲା। ଅଦାଲତ ସୁଭାଷଙ୍କୁ ଜେଲ ପଠାଇଛନ୍ତି। ତାଙ୍କୁ ଆସନ୍ତା କାଲି(ସୋମବାର) କେବଳ ମନିଲଣ୍ଡରିଂ ମାମଲାଗୁଡ଼ିକର ବିଚାର କରୁଥିବା ପାଟନାର ପିଏମଏଲଏ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବ। ବିହାରରେ ବ୍ରଡସନ୍ସ କମୋଡିଟିଜ ପ୍ରା ଲିଃ ନାମକ କମ୍ପାନୀ ବେଆଇନ ଭାବେ ବାଲି ଖନନ ଓ ବିକ୍ରି କରୁଥିବା ଅଭିଯୋଗରେ ପୁଲିସ୍ ସେହି କମ୍ପାନୀ ବିରୋଧରେ ୨୦ଟି ଏଫଆଇଆର ପଞ୍ଜିକୃତ କରିଥିଲା। କମ୍ପାନୀ

### ୨.୩ କୋଟି ଟଙ୍କା ଜବତ

ଏହି ବେଆଇନ ବାଲି ଖନନ ଓ ବିକ୍ରିରୁ ୧୬୧ କୋଟି ଟଙ୍କା ପାଇଥିଲା। ଇଡି ମନିଲଣ୍ଡରିଂ ନିରୋଧ ଆଇନ ବଳରେ ଗତବର୍ଷ ବିହାରର ଏମଏଲସି ତଥା ଜେଡିୟୁ ନେତା ରାଧା ଚରଣ ସାହ, ତାଙ୍କ ପୁତ୍ର କହ୍ନେୟା ପ୍ରସାଦଙ୍କ ସମେତ ବ୍ରଡସନ୍ସ କମାନୀର ନିର୍ଦ୍ଦେଶକ ମିଥିଳେଶ ସିଂହ, ବାବନ ସିଂହ ଓ ସୁରେନ୍ଦ୍ର ଜିନ୍ଦଲଙ୍କୁ ଗିରଫ କରିଥିଲା। ଜାମିନ ମିଳୁନଥିବାରୁ ସେମାନେ ସମସ୍ତେ ଏବେ ଜେଲରେ ଅଛନ୍ତି। ସେହି ବେଆଇନ ବାଲି ଖନନ ଓ ବିକ୍ରି ସିଣ୍ଡିକେଟ ସହ ସଂପୃକ୍ତ ଥିବା ଅଭିଯୋଗରେ ଏବେ ସୁଭାଷଙ୍କୁ ଗିରଫ କରାଯାଇଛି।

### ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ

## ଶ୍ରୀରାମ ଥିଲେ ତାଙ୍କ ପାଖକୁ ଇଡି-ସିବିଆଇ ପଠାଇଥାନ୍ତା ବିଜେପି

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଶନିବାର ବିଧାନସଭାରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କଟାକ୍ଷ କରି କହିଛନ୍ତି ଯେ ଯଦି ଆଜି ଭଗବାନ ଶ୍ରୀରାମ ଥାଆନ୍ତେ ତେବେ ବିଜେପି ତାଙ୍କ ଘରକୁ ଇଡି-ସିବିଆଇ ପଠାଇ ଦେଇଥାନ୍ତା। ବନ୍ଧୁକ ରଖି ବିଜେପିରେ ସାମିଲ ହେବ କି ଜେଲ୍ ଯିବ ପଚାରିଥାଆନ୍ତା ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ମଦ ନୀତି ଦୁର୍ନୀତି ମାମଲାରେ ଆପ୍‌ର ୩ ବଡ଼ ନେତା ମନୀଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ ଏବଂ ସଞ୍ଜୟ ସିଂହଙ୍କୁ ଇଡି ଏବଂ ସିବିଆଇ ଗିରଫ କଲେଣି। ଏହି ମାମଲାରେ ପଚରାଉଚୁରା ପାଇଁ ଇଡି କେଜ୍ରିୱାଲଙ୍କୁ ୮ ଥର ସମନ ଜାରି କରିସାରିଲାଣି। କିନ୍ତୁ ସେ କୌଣସି ଥର ହାଜର ହୋଇନାହାନ୍ତି। ଏହାକୁ ନେଇ କେଜ୍ରିୱାଲ କହିଛନ୍ତି ଯେ ଖୁବଶୀଘ୍ର ଇଡି ନବମ ସମନ ପଠାଇବ। କିନ୍ତୁ ଏଜେନ୍ସି ଯେତେ ସମନ ପଠାଇବ ସେ ସେତେ ସ୍କୁଲ ବନାଇବେ ବୋଲି ଗୃହରେ ଘୋଷଣା କରିଛନ୍ତି। ସେ ନିଜ ଗିରଫ ଆଶଙ୍କା ମଧ୍ୟ କରିଛନ୍ତି। ବିଜେପି ଆପ୍‌କୁ ଶେଷ କରିବାକୁ ଚାହୁଁଛି। ତାଙ୍କୁ ଜେଲ୍ ପଠାଇବାକୁ ଯୋଜନା କରୁଛି। ବିରୋଧୀ ବିଧାୟକଙ୍କୁ ଭାଙ୍ଗି ଭଲ କାମକୁ ବନ୍ଦ କରିବାକୁ ଚାହୁଁଛି ବୋଲି ଅଭିଯୋଗ କରିଛନ୍ତି। ଦେଶ ସାମ୍ନାରେ ଏକ ବିକାଶ ମଡେଲ ଏବଂ ବିନାଶ ମଡେଲ ରହିଛି। ଉଭୟ ମଡେଲ ନିର୍ବାଚନ ଜିତାଇ ଥାଏ। ଏବେ ଦେଶକୁ ବିକାଶ ଦରକାର ନା ବିନାଶ ତାହା ଲୋକେ ସ୍ଥିର କରିବେ। ସେହିପରି ଆଗାମୀ ବଜେଟ ମନୀଷ ସିସୋଦିଆ ଉପସ୍ଥାପନ କରିବେ ବୋଲି ସେ ଆଶା କରିଛନ୍ତି। ଏହା ପୂର୍ବରୁ କେଜ୍ରିୱାଲ ମହିଳାଙ୍କ ସହ ଟାଉନ ହଲ୍ ବୈଠକ କରିଥିଲେ। ସେ ଆପକୁ ଭୋଟ ଦେବାକୁ କହିଥିଲେ। ସ୍ୱାମୀ ଯଦି ମୋଦୀ ମୋଦୀ ହୁଅନ୍ତି ତେବେ ରାତିରେ ଖାଇବାକୁ ନ ଦେବାକୁ ମହିଳାଙ୍କୁ କହିଥିଲେ।



## ଜିଲ୍ଲା ନୋଡାଲ ଅଧିକାରୀଙ୍କୁ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରଶିକ୍ଷଣ

**ଭୁବନେଶ୍ୱର, ୯ ।୩(ସମିସ):** ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ରାଜ୍ୟର ସମସ୍ତ କ୍ଲଷ୍ଟର ନିର୍ବାଚନ ନୋଡାଲ ଅଧିକାରୀଙ୍କର ଏକ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ ଓ ଅବାଧ ରଖିବା ଉପରେ ଆଲୋଚନା ହୋଇଥିଲା । ପ୍ରଶିକ୍ଷଣ ପ୍ରାରମ୍ଭରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଣତନ୍ତ୍ରରେ ମୁକ୍ତ ଓ ଅବାଧ ନିର୍ବାଚନ ପ୍ରକ୍ରିୟାରେ ଅପରିହାର୍ଯ୍ୟତା ବିଷୟରେ ଆଲୋଚନା କରି ସମସ୍ତ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀମାନଙ୍କୁ ନିଜର ଗୁରୁଦାୟିତ୍ୱକୁ ସମ୍ପୂର୍ଣ୍ଣ ନିର୍ଭୁଲ ଓ ନିର୍ଭୀକତାର ସହ ସମ୍ପାଦନ କରିବା ପାଇଁ ପ୍ରେରିତ କରିଥିଲେ ।

ବିଧାନସଭା ଓ ଲୋକସଭା କ୍ଷେତ୍ରରେ ପ୍ରାର୍ଥୀମାନଙ୍କ ପାଇଁ ଯଥାକ୍ରମେ ନିର୍ବାଚନୀ ଖର୍ଚ୍ଚ ବାବଦକୁ ୪୦ଲକ୍ଷ ଓ ୯୫ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି । ଏହି ସୀମା ଭିତରେ ପ୍ରାର୍ଥୀମାନଙ୍କ ଖର୍ଚ୍ଚ କରିବା ଉପରେ ସଜାଗ ଦୃଷ୍ଟି ରଖାଯିବ । ଖର୍ଚ୍ଚ ଲୁଚାଇବା, ଖର୍ଚ୍ଚର ଭୁଲ ତଥ୍ୟ ଦେବା, ପେଡ୍ ନ୍ୟୁଜ୍ ଆଦି ଉପରେ ନଜର ରଖିବା ସହ ସେସବୁର ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାସ୍ତରରେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଧଳ କହିଥିଲେ । ସି-ଭିଜିଲ ମାଧ୍ୟମରେ ଜନସାଧାରଣ କରିଥିବା ଆପ୍ଲିକେଶନ ମାଧ୍ୟମରେ ଜନସାଧାରଣ କରିଥିବା ଅଭିଯୋଗର ସମାଧାନ କେଉଁଭଳି ଭାବେ କରାଯିବ ସେଥିପ୍ରତି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରାଧାନ୍ୟ ଦେଇଥିଲେ ।

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍ ତିରୁମାଲା ନାୟକ ଓ ଶତ୍ରୁଘ୍ନ କର ପିପିଟି ମାଧ୍ୟମରେ ନିର୍ବାଚନୀ ଖର୍ଚ୍ଚ ଓ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ବିଭିନ୍ନ ସର୍ଭିଲେନ୍ସ ଟିମର ଦାୟିତ୍ୱ, ଦୈନିକ ରିପୋର୍ଟ, ଇଲେକ୍ସନ୍ ସିଜର୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ଆଦି ଉପରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସବିଶେଷ ଆଲୋଚନା ହୋଇଥିଲା । ଏଥିରେ ସମସ୍ତ ଜିଲ୍ଲାରୁ ଆସିଥିବା ନୋଡାଲ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

### ନନ୍ଦନକାନନରେ ରାତିରେ ବୁଲିଲେ ଦର୍ଶକ

## ରାତିରେ ଶୁଭିବ ସିଂହ ଗର୍ଜନ, ବାଘ ରଡ଼ି




- ଆରମ୍ଭ ହେଲା 'ନାଇଟ୍ ଆଉଟ୍ ଆଟ୍ ଜୁ'
- ରବିବାର ସନ୍ଧ୍ୟାରେ ଦେଢ଼ ଘଣ୍ଟା ଖୋଲିବ ଚିଡ଼ିଆଖାନା
- ଜାଣିବାକୁ ମିଳିବ ଜୀବଜନ୍ତୁଙ୍କ ରାତ୍ରିକାଳୀନ ଜୀବନଯାପନ

**ଭୁବନେଶ୍ୱର, ୧୦ ।୩ (ସମିସ):** ଆଜିଠାରୁ ନନ୍ଦନକାନନ ଚିଡ଼ିଆଖାନାରେ ରାତ୍ରିକାଳୀନ ବୁଲାବୁଲି ଆରମ୍ଭ ହୋଇଯାଇଛି । ନନ୍ଦନକାନନ କର୍ତ୍ତୃପକ୍ଷ ଏହାକୁ 'ନାଇଟ୍ ଆଉଟ୍ ଆଟ୍ ଜୁ' କାର୍ଯ୍ୟକ୍ରମ ବୋଲି ଦର୍ଶାଇଛନ୍ତି । ଏଥିରେ ଜନସାଧାରଣ, ଛାତ୍ରଛାତ୍ରୀ, ପର୍ଯ୍ୟଟକ, ଗବେଷକ ବ୍ୟାଟେରୀ ଗାଡ଼ିରେ ବସି ବାଘ, ଭାଲୁ, ହାତୀ, ହରିଣ, ସିଂହ ପରି ଜୀବଜନ୍ତୁଙ୍କୁ ଦେଖିବା ସହ ସେମାନଙ୍କ ରାତିର ଜୀବନ ସମ୍ପର୍କରେ ଜାଣିପାରିବେ । ନନ୍ଦନକାନନ ପକ୍ଷରୁ ଏହି ଅଭିନବ ବନ୍ୟପ୍ରାଣୀ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଯାହା ଜୀବଜନ୍ତୁଙ୍କ ରାତ୍ରିକାଳନୀ ଜୀବନଯାପନ ଜାଣିବାର ସୁଯୋଗ ଭେଟି ଦେବ ।

ସୂଚନାନୁସାରେ, ସଂଧ୍ୟା ସାଢ଼େ ୬ଟାରୁ ରାତି ୮ଟା ଯାଏଁ ନନ୍ଦନକାନରେ ବୁଲିବାକୁ ଅନୁମତି ମିଳିବ । ପ୍ରତି ରବିବାର ସନ୍ଧ୍ୟା ପରେ ୨୦ ଜଣ ଲୋକ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ଏଥିପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବାକୁ ପଡ଼ିବ । ସେହି ସମୟରେ ଅଗ୍ରିମ ୨୫୦ ଟଙ୍କା ଦାଖଲ କରିବାକୁ ପଡ଼ିବ । ଏହାପରେ ବ୍ୟାଟେରୀ ଗାଡ଼ିରେ ବୁଲି ଦର୍ଶକମାନେ ନନ୍ଦନକାନନର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ।

ନନ୍ଦନକାନନ ପକ୍ଷରୁ କୁହାଯାଇଛି ଯେ ଅନ୍ୟ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଭଳି ଏଠାରେ ମଧ୍ୟ ଏକ ନୂଆ ବନ୍ୟପ୍ରାଣୀ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ସମ୍ପୂର୍ଣ୍ଣ ଭାବେ ଗୋଟିଏ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ । କେବଳ ରବିବାର ଏହା ଆୟୋଜନ ହେବ । ରାତି ସମୟରେ ଚିଡ଼ିଆଖାନାର ସ୍ୱତନ୍ତ୍ରତା ଯେମିତି କ୍ଷୁଣ୍ଣ ନ ହେବ, ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏଥିପାଇଁ ଧାର୍ଯ୍ୟ ଦର୍ଶକଙ୍କ ସଂଖ୍ୟାଠାରୁ ଅଧିକ ଲୋକଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ । ଏହି କାର୍ଯ୍ୟକ୍ରମ ବେଳେ ଫଟୋ କିମ୍ବା ଭିଡିଓ ରେକର୍ଡିଂ ପାଇଁ ମଧ୍ୟ ଅନୁମତି ଦିଆଯିବ ନାହିଁ । ଏହା ଏକ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତଙ୍କ ଅବଗତି ନିମନ୍ତେ ଆଜି ଚିଡ଼ିଆଖାନା ପକ୍ଷରୁ ଏକ ବିବୃତି ଜାରି କରାଯାଇଛି ।

ଉଲ୍ଲେଖଥାଉ କି, ଗତ ଜାନୁଆରୀ ମାସରେ ପର୍ଯ୍ୟଟକମାନେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ବୁଲିବା ପାଇଁ ବନବିଭାଗ ପକ୍ଷରୁ ଯୋଜନା କରାଯାଇଛି । ଏଥିରେ ପର୍ଯ୍ୟଟକମାନେ ଜଙ୍ଗଲ ସଫାରି ଗାଡ଼ିରେ ବସି ଜୀବଜନ୍ତୁଙ୍କୁ ଦେଖିବା ସହ ସେମାନଙ୍କ ରାତିର ଜୀବନ ସମ୍ପର୍କରେ ଜାଣିବାର ବ୍ୟବସ୍ଥା କରିଛନ୍ତି । ଅଭୟାରଣ୍ୟର ଡମପଡ଼ାରେ ଏବେ ଦିନ ସମୟରେ ଜଙ୍ଗଲ ସଫାରି ସୁବିଧା ଉପଲବ୍ଧ ରହିଛି । ପର୍ଯ୍ୟଟକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ରାତ୍ରିକାଳୀନ ପ୍ରକୃତି ଭ୍ରମଣ(ନାଇଟ୍ ନ୍ୟାଚୁରାଲ ଟ୍ରେଲ୍) ଆରମ୍ଭ ହୋଇଛି । ଯେଉଁମାନେ ଦିନ ସମୟରେ ବୁଲିବାକୁ ଯାଇ ପାରୁନାହାନ୍ତି, ସେମାନେ ସନ୍ଧ୍ୟା ସମୟରେ ଅଭୟାରଣ୍ୟ ବୁଲିବାର ସୁଯୋଗ ପାଇବା ଏହାର ମୂଳ ଉଦ୍ଦେଶ୍ୟ । ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଟିକଟ୍ ବୁକିଂ କରି ଭିତରକୁ ଯାଇପାରୁଛନ୍ତି । ରାତି ସାଢ଼େ ୯ଟା ସୁଦ୍ଧା ଜଙ୍ଗଲ ଭିତର ବୁଲି ଫେରି ଆସୁଛନ୍ତି । ଭରତପୁର ସଂରକ୍ଷିତ ଜଙ୍ଗଲରେ ଏହି ସୁବିଧା ବନବିଭାଗ ପକ୍ଷରୁ ଉପଲବ୍ଧ କରାଯାଇଥିଲା ।

ଅଭୟାରଣ୍ୟର ଭରତପୁର, ଗୋଡ଼ିବାରି, ଡେରାସ,

---

## ନବମ ଶ୍ରେଣୀ ପରୀକ୍ଷା: ପରୀକ୍ଷା ପୂର୍ବରୁ ପରୀକ୍ଷାର୍ଥୀଙ୍କ ପାଖରେ ପହଞ୍ଚୁଛି ପ୍ରଶ୍ନପତ୍ର

**ଭୁବନେଶ୍ୱର,୧୦ ।୩(ସମିସ):** ରାଜ୍ୟରେ ନବମ ଶ୍ରେଣୀ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି । ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଚାଲୁଛି । ମାଧ୍ୟମିକ ଶିକ୍ଷା ପରିଷଦ ବା ବୋର୍ଡ ପକ୍ଷରୁ ଏଥିପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ସମସ୍ତ ବିଦ୍ୟାଳୟକୁ ପଠାଯାଉଛି । ହେଲେ ପରୀକ୍ଷାର ବହୁ ପୂର୍ବରୁ ଛାତ୍ରଛାତ୍ରୀଙ୍କ ନିକଟରେ ବୋର୍ଡ ଦ୍ୱାରା ପ୍ରସ୍ତୁତ ପ୍ରଶ୍ନପତ୍ର ପହଞ୍ଚିଯାଉଛି । ଏଣୁ ମେଧାବୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପ୍ରଶ୍ନପତ୍ର ପୂର୍ବରୁ ପାଉଥିବାରୁ ଛାତ୍ରଛାତ୍ରୀମାନେ ଶିକ୍ଷା ପ୍ରତି ବିମୁଖ ହେବାର ଆଶଙ୍କା ପ୍ରକାଶ ପାଇଛି । ମେଧାବୀ ଛାତ୍ରଛାତ୍ରୀଙ୍କ ମନୋବଳ ଭାଙ୍ଗିବା ସହ ମାନସିକ ଯନ୍ତ୍ରଣା ପାଉଛନ୍ତି । ପରୀକ୍ଷା ପୂର୍ବଦିନ ପ୍ରସ୍ତୁତି କରିବା ପରିବର୍ତ୍ତେ ପରୀକ୍ଷାର୍ଥୀ ଭାଇରାଲ ପ୍ରଶ୍ନପତ୍ରକୁ ଅପେକ୍ଷା କରୁଛି । ବୋର୍ଡ ପକ୍ଷରୁ ଅନ୍‌ଲାଇନ୍‌ରେ ପ୍ରଶ୍ନପତ୍ର ଯୋଗାଇବା ପଦ୍ଧତିକୁ ଅନେକ ପ୍ରଶ୍ନ ଉଠାଇବା ସହ ନିନ୍ଦା ମଧ୍ୟ କରୁଛନ୍ତି ।

ସୂଚନା ଅନୁଯାୟୀ, ପୂର୍ବରୁ ପରୀକ୍ଷା ଦିନ ସକାଳ ୭ଟାରୁ ଦିନ ୧୧ଟା ମଧ୍ୟରେ ପ୍ରଧାନ ଶିକ୍ଷକମାନେ ବୋର୍ଡ ୱେବସାଇଟ୍‌ରୁ ପ୍ରଶ୍ନପତ୍ର ଡାଉନ୍‌ଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । ହେଲେ ଏହି ସମୟ ଅବଧି ମଧ୍ୟରେ ପ୍ରଶ୍ନପତ୍ର ଡାଉନ୍‌ଲୋଡ୍ କରି ପରୀକ୍ଷାର୍ଥୀଙ୍କୁ ଯୋଗାଇବା ସମ୍ଭବ ନୁହେଁ ବୋଲି ବହୁ ପ୍ରଧାନ ଶିକ୍ଷକ ଆପତ୍ତି ଉଠାଇଥିଲେ । ଉପାନ୍ତ ଅଞ୍ଚଳର ବିଦ୍ୟାଳୟରେ ଇଣ୍ଟରନେଟ୍ ସମସ୍ୟା,

> **ଅନ୍‌ଲାଇନ୍ ଯୋଗାଣ ବ୍ୟବସ୍ଥା ପାଇଁ ସହଜରେ ହେଉଛି ଭାଇରାଲ**

ଅଧିକ ସଂଖ୍ୟକ ଜେରକ୍ସ ବ୍ୟବସ୍ଥା ନଥିବା ସ୍ଥାନରେ ସମସ୍ୟା ଉପୁଜିବ ବୋଲି ଶିକ୍ଷକମାନେ ଯୁକ୍ତି ଦର୍ଶାଇଥିଲେ । ଫଳରେ ବେର୍ଡ ପକ୍ଷରୁ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଥିଲା । ପରିବର୍ତ୍ତିତ ନିଷ୍ପତ୍ତି ଅନୁଯାୟୀ, ପରୀକ୍ଷା ପୂର୍ବଦିନ ଅପରାହ୍ଣ ୪ଟାରୁ ତା' ପରଦିନ ଅର୍ଥାତ୍ ପରୀକ୍ଷା ଦିନ ପୂର୍ବାହ୍ନ ୧୧ଟା ଯାଏ ପ୍ରଶ୍ନପତ୍ର ଡାଉନଲୋଡ୍ କରିପାରିବେ । ଡାଉନ୍‌ଲୋଡ୍ ପାଇଁ ଲମ୍ବା ସମୟ ଦିଆଯାଇଥିବାରୁ ଆଉ ଅସୁବିଧା ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା । ହେଲେ ଏହା ସୁଫଳ ପରିବର୍ତ୍ତେ ଅଧିକ ବିଫଳ ହୋଇଥିବା ଅଭିଯୋଗ ହୋଇଛି ।

ଏନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସଭାପତି ଅକ୍ଷୟ କୁମାର ମିଶ୍ର କହିଛନ୍ତି, ଜଣେ ଶିକ୍ଷକ ଭାବେ ଏପରି ପରୀକ୍ଷା ବ୍ୟବସ୍ଥା ମର୍ମାହତ କରିଛି । ଚଳିତ ନବମ ଶ୍ରେଣୀ ପରୀକ୍ଷାକୁ ସେ ଅସାଧୁ ଉପାୟର ପ୍ରଶିକ୍ଷଣ ଶିବିର ବୋଲି କହିଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ କପି କରିବା ମାନସିକତା ବୃଦ୍ଧି ପାଇବ । ପୂର୍ବ ବର୍ଷଗୁଡ଼ିକରେ ବୋର୍ଡ ପ୍ରଶ୍ନପତ୍ର ପ୍ରତ୍ୟକ୍ଷ ଭାବେ ଯୋଗାଯାଉଥିବା ବେଳେ ଚଳିତଥର ଅନ୍‌ଲାଇନ୍‌ରେ ପଠାଇବାକୁ ନିଷ୍ପତ୍ତି ନେଇଛି । ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଦୂରଦୃଷ୍ଟିର ଅଭାବ ବୋଲି କହିଛନ୍ତି । ପ୍ରଶ୍ନପତ୍ର ପ୍ରିଣ୍ଟ କରିବା ପାଇଁ ପରୀକ୍ଷାର ଯଥେଷ୍ଟ ପୂର୍ବରୁ ବାହାରକୁ ଯାଉଥିବାରୁ ଭାଇରାଲ ହେବାର ବ୍ୟାପକ ସୁଯୋଗ ସୃଷ୍ଟି ହେଉଥିବା ସେ କହିଛନ୍ତି । ଏହାସହ ପୂର୍ବପରି ପ୍ରତ୍ୟକ୍ଷ ଭାବେ ପ୍ରଶ୍ନପତ୍ର ଯୋଗାଇବାକୁ ସେ ଦାବି କରିଛନ୍ତି । ବହୁ ଅଭିଭାବକ ବୋର୍ଡର ଏପରି ନିଷ୍ପତ୍ତିକୁ ନିନ୍ଦା କରିବା ସହ ବିଶ୍ୱସନୀୟତା ହରାଉଥିବା କହିଛନ୍ତି ।

---

### ଶୃଙ୍ଖଳିତ ଆର୍ଥିକ ପରିଚାଳନା

## ଫେବ୍ରୁଆରୀ ଶେଷ ସୁଦ୍ଧା ରାଜସ୍ୱ ଆଦାୟରେ ୧୯ ପ୍ରତିଶତ ବୃଦ୍ଧି

- ନିଜସ୍ୱ ଟିକସ, ଅଣଟିକସ ରାଜସ୍ୱ ଆଦାୟରେ ମଧ୍ୟ ବୃଦ୍ଧି
- ୨୦୨୪-୨୫ରେ ଖଣିରୁ ୪୮ ହଜାର କୋଟିରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛନ୍ତି ସରକାର

**ଭୁବନେଶ୍ୱର,୧୦ ।୩(ସମିସ):** ଆର୍ଥିକ ପରିଚାଳନାରେ ରାଜ୍ୟ ସରକାର ନିରନ୍ତର ଭାବେ ଚମକପ୍ରଦ ପ୍ରଦର୍ଶନ କରି ଆସୁଛନ୍ତି । ରାଜ୍ୟରେ ବିତ୍ତୀୟ ଶୃଙ୍ଖଳା କାରଣରୁ ଓଡ଼ିଶା କ୍ରମାଗତ ଭାବେ ରାଜସ୍ୱ ବଳକା ରାଜ୍ୟ ଭାବେ ପରିଗଣିତ ହୋଇ ଆସୁଥିବା ବେଳେ ରାଜସ୍ୱ ସଂଗ୍ରହ ପରିମାଣ ମଧ୍ୟ ଲଗାତାର ଭାବେ ବୃଦ୍ଧି ପାଇ ଆସୁଛି । ଏହି କ୍ରମରେ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ର ଫେବ୍ରୁଆରୀ ସୁଦ୍ଧା ରାଜ୍ୟର ରାଜସ୍ୱ ଆଦାୟ ପୂର୍ବବର୍ଷ ତୁଳନାରେ ପ୍ରାୟ ୧୯.୨୪ ପ୍ରତିଶତ ବୃଦ୍ଧି ପାଇଛି । ଯାହା ରାଜ୍ୟର ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ବ୍ୟବସ୍ଥାକୁ ଦର୍ଶାଉଛି ।

ତଥ୍ୟ ଅନୁଯାୟୀ, ଗତ ଫେବ୍ରୁଆରୀ ଶେଷ ସୁଦ୍ଧା ରାଜ୍ୟ ସରକାର ମୋଟ ୯୪, ୦୦୩.୧୫ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଛନ୍ତି । ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୭୮, ୮୩୪.୪୮ କୋଟି ଟଙ୍କା ଆଦାୟ ହୋଇଥିଲା । ଗତବର୍ଷ ଏବଂ ଚଳିତ ବର୍ଷର ଆଦାୟକୁ ବିଚାରକୁ ନେଲେ ରାଜସ୍ୱ ଆଦାୟରେ ୧୯ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଘଟିଛି । ସେହିପରି ୨୦୨୩-୨୪ ଏପ୍ରିଲରୁ ଫେବ୍ରୁଆରୀ ମଧ୍ୟରେ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ଆଦାୟ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧୮.୬୬ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି । ଫେବ୍ରୁଆରୀ ଶେଷ ସୁଦ୍ଧା ରାଜ୍ୟର ମୋଟ ନିଜସ୍ୱ ଟିକସ ରାଜସ୍ୱ ଆଦାୟ ୪୭, ୮୮୪.୩୬ କୋଟି ଟଙ୍କା ଥିବା ବେଳେ ଗତବର୍ଷ ସମାନ ସମୟରେ ରାଜ୍ୟ ୪୦, ୩୫୫.୮୫ କୋଟି ଟଙ୍କା ଆଦାୟ ହୋଇଥିଲା । ନିଜସ୍ୱ ଟିକସ ରାଜସ୍ୱ ଆଦାୟ ପରି ରାଜ୍ୟରେ ଅଣଟିକସ ରାଜସ୍ୱ ଆଦାୟରେ ୧୯.୮୬ ପ୍ରତିଶତ ବୃଦ୍ଧି ଘଟିଛି । ଫେବ୍ରୁଆରୀ ଶେଷ ସୁଦ୍ଧା ମୋଟ ଅଣଟିକସ ରାଜସ୍ୱ ଆଦାୟ ୪୬, ୧୧୮.୭୯ କୋଟି ଟଙ୍କା ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷ ସମାନ ଅବଧିରେ ଏହା ରାଜ୍ୟ ୩୮, ୪୭୮.୬୨ କୋଟି ଟଙ୍କାର ଅଣଟିକସ ରାଜସ୍ୱ ଆଦାୟ ହୋଇଥିଲା ।

ଅପରପକ୍ଷେ, ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଫେବ୍ରୁଆରୀ ଶେଷ ସୁଦ୍ଧା ଖଣି ରାଜସ୍ୱ ସଂଗ୍ରହରେ ୧୫.୨୫ ପ୍ରତିଶତ ବୃଦ୍ଧି ଘଟିଛି । ତଥ୍ୟ ଅନୁଯାୟୀ ଗତବର୍ଷ ଏହି ସମୟରେ ରାଜ୍ୟ ସରକାର ଖଣିରୁ ୩୩, ୯୩୬.୬୬ କୋଟି ଟଙ୍କା ଆଦାୟ କରିଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ଖଣିରୁ ୩୯,୧୧୧.୯୯ କୋଟି ଟଙ୍କା ଆଦାୟ କରିପାରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ କଣି ରାଜସ୍ୱ ବାବଦକୁ ରାଜ୍ୟ ସରକାର ୪୮୬୦୦ କୋଟିରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି । ଅପରପକ୍ଷେ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ଋଣଭାରଠାରୁ ଆରମ୍ଭ କରି ସୁଧଦେୟ ଓ ରାଜସ୍ୱ ଆୟର ଅନୁପାତ ମଧ୍ୟ ଫେବ୍ରୁଆରୀ ଶେଷ ସୁଦ୍ଧା ବେଶ୍ ପୋଷଣୀୟ ରହିଛି ।

---

## ଅବଶିଷ୍ଟାଂଶ...

### ରାଜ୍ୟ ବିଜେପି...

ଗଣମାଧ୍ୟମ ପ୍ରଶ୍ନରେ ସେ କହିଛନ୍ତି ଯେ ରାଜ୍ୟରେ ସବୁ ଲୋକସଭା ଏବଂ ବିଧାନସଭା ସିଟ୍ ଉପରେ ଆଲୋଚନା ହେବ । ସବୁ ଆସନ ସମ୍ପର୍କରେ ବିସ୍ତୃତ ତଥ୍ୟ ନେଇ ଯିବାକୁ ଶୀର୍ଷ ନେତୃତ୍ୱ କହିଛନ୍ତି । ବୈଠକରେ ଆସନ୍ତା ନିର୍ବାଚନରେ ଦଳର ପ୍ରସ୍ତୁତି, ପ୍ରଚାର ପ୍ରସାର ଏବଂ ଅନ୍ୟ ବିଷୟରେ ବିସ୍ତୃତ ଆଲୋଚନା ହେବ । ତେବେ ମେଣ୍ଟ ସମ୍ପର୍କରେ ସେ କିଛି କହିବା ଠିକ୍ ହେବ ନାହିଁ ବୋଲି ମନମୋହନ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଆଜି ରାତିରେ ଶୀର୍ଷ ନେତୃତ୍ୱ ରାଜ୍ୟ କୋର୍ ଟିମ୍ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିପାରନ୍ତି । ବିଜେପି ଗତ ସପ୍ତାହରେ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଦେଶର ୧୯୫ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା । ଏଥିରେ ଓଡ଼ିଶାର କୌଣସି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ନଥିଲା । ଖୁବଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ବିଜେପି ଘୋଷଣା କରିବ । ଏହାପୂର୍ବରୁ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ବସିବ । ଏହି ବୈଠକରେ ପ୍ରାର୍ଥୀଙ୍କ ନାଁ ଉପରେ ବିଚାର ବିମର୍ଶ ହେବ । ଉକ୍ତ ବୈଠକରେ ରାଜ୍ୟ ବିଜେପିର କୋର୍ ଟିମ୍ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି ।

ରାଜ୍ୟ ବିଜେପିର ଅନ୍ଦର ମହଲ ସୂଚନା ଅନୁଯାୟୀ ଆଜି କିମ୍ବା ଆସନ୍ତାକାଲି ସୁଦ୍ଧା ରାଜ୍ୟରେ ସମ୍ଭାବ୍ୟ ମେଣ୍ଟର ମୂଳଦୁଆ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ଉଭୟ ବିଜେଡି ଏବଂ କେତେ କେତେ ଆସନରେ ଲଢ଼ିବେ ତାହା ନେଇ ଏକାଧିକବାର ଚର୍ଚ୍ଚା ଆଲୋଚନା ସରିଛି । ଅପରପକ୍ଷେ ବିଜେପି ରାଜ୍ୟ ନିର୍ବାଚନ ପ୍ରଭାରୀ ଶ୍ରୀ ତୋମାର କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଡକରା ପାଇ ରାଜ୍ୟ ବିଜେପି ନେତା ଦିଲ୍ଲୀ ଯାଉଥିବା ସ୍ୱୀକାର କରିଛନ୍ତି । ସେ କହିଛନ୍ତି ଓଡ଼ିଶାର ସମସ୍ତ ବିଧାନସଭା ଓ ଲୋକସଭା ଆସନ ପାଇଁ ଆମେ ପ୍ରସ୍ତୁତି କରୁଛୁ ବୋଲି ସେ କହିଛନ୍ତି ।

### ୧୩୪୭୪ ଛାତ୍ରଛାତ୍ରୀଙ୍କୁ...

ପଏଣ୍ଟ ସିଷ୍ଟମ ଆଧାରିତ ଏହି ସ୍ମାର୍ଟ କାର୍ଡ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ, ବ୍ୟକ୍ତିତ୍ୱ, ଦକ୍ଷତା ବିକାଶ ସହ ନିଯୁକ୍ତିରେ ସହାୟକ ହୋଇପାରିବ । ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ । ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଛନ୍ତି ।

ଛାତ୍ରଛାତ୍ରୀଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ କାଡର୍‌କୁ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ ପର୍ଯ୍ୟାୟଭୁକ୍ତ କରାଯିବ । ଶ୍ରେଣୀରେ ଉପସ୍ଥାନ, ଅନୁଶାସନ, ଶୈକ୍ଷିକ ପ୍ରଦର୍ଶନ, କ୍ରୀଡ଼ା, ଅନଲାଇନ୍ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦିରେ ଛାତ୍ରଙ୍କ ଦକ୍ଷତା ନେଇ ଏହି କାର୍ଡ ବଣ୍ଟନ ଓ ନବୀକରଣ କରାଯିବ । ଏହି କାର୍ଡ ମାଧ୍ୟମରେ ବସ୍, ଟ୍ରେନ, ବିମାନ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ, ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମ୍‌ରେ ପ୍ରବେଶ, ଜର୍ନାଲ୍ ଏବଂ ସେମିନାରଗୁଡିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଛନ୍ତି । ମାର୍ଚ୍ଚ ୫ ତାରିଖରୁ ଏହାର ପଞ୍ଜୀକରଣ ଆରମ୍ଭ ହୋଇଛି ଏବଂ ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ବଣ୍ଟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯାଉଛି । ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅ ମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯାଉଛି । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇବେ । ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମ ଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯିବ ।

---

## ୧୨ରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ସହ ଭିତ୍ତିପ୍ରସ୍ତର ଦେବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧୦ ।୩(ସମିସ):** ଆସନ୍ତା ୧୨ ତାରିଖରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଓଡ଼ିଶା ପାଇଁ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ । ପୂର୍ବତଟ ରେଳପଥ ସୂତ୍ରରୁ ହସ୍ତଗତ ସୂଚନା ଅନୁସାରେ, ଏହି ଦିନ ପ୍ରଧାନମନ୍ତ୍ରୀ ପୁରୀ-ବିଶାଖାପାଟଣା ବନ୍ଦେ ଭାରତ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ । ଏଥିସହ ୪୧ଟି ଏକ ଷ୍ଟେସନ୍ ଏକ ଉତ୍ପାଦ ଷ୍ଟଲ୍‌କୁ ଉତ୍ସର୍ଗ କରିବେ । ସେହିପରି ଓଡ଼ିଶାରେ ୨୭୪ଟି ରେଳ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୧୬୨ଟି ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍, ୫୦ଟି ସୌରଚାଳିତ ଷ୍ଟେସନ୍, ୫ଟି ଗୁଡ୍ସ ସେଡ୍, ୯ଟି ନୂଆ ଲାଇନ୍, ଦୋହରୀକରଣ ଏବଂ ତୃତୀୟ ଲାଇନ୍ ପ୍ରକଳ୍ପ, ୪ଟି ଅଟୋ ସିଗନାଲ ସିଷ୍ଟମ୍, ୧ଟି ଗତି ଶକ୍ତି ଟର୍ମିନାଲ, ୧ଟି ଜନ ଔଷଧୀ କେନ୍ଦ୍ର ଏବଂ ୧ଟି ରେଳ କୋଚ୍ ରେଷ୍ଟୁରାଣ୍ଟ ଅନ୍ତର୍ଭୁକ୍ତ ।

---

### ଦୁର୍ଗାପଙ୍ଗା ଜଙ୍ଗଲରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ

## ୨୦ ରାଉଣ୍ଡ ଗୁଳି ମିନିମୟ ପରେ ଛତ୍ରଭଙ୍ଗ ଦେଲେ ମାଓବାଦୀ

**ଭୁବନେଶ୍ୱର,୧୦ ।୩(ସମିସ):** କନ୍ଧମାଳ କୋଟଗଡ଼ ଥାନା ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି । ୧୫ରୁ ୨୦ ରାଉଣ୍ଡ ଗୁଳି ବିନିମୟ ପରେ ଛତ୍ରଭଙ୍ଗ ଦେଇଛନ୍ତି ମାଓବାଦୀ । ଶନିବାର ଏସ୍‌ଓଜି ଯବାନଙ୍କ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିବା ବେଳେ ମାଓ କ୍ୟାମ୍ପ ଠାବ ହୋଇଥିଲା । ଯବାନଙ୍କୁ ଦେଖି ଗୁଳି ଚଳାଇଥିଲେ ମାଓବାଦୀ । ତେବେ ଯବାନଙ୍କ ପ୍ରତିଆକ୍ରମଣ ପରେ କ୍ୟାମ୍ପ ଛାଡ଼ି ପଳାଇଛନ୍ତି ପ୍ରାୟ ୧୫ ହାର୍ଡକୋର୍ ମାଓବାଦୀ । ଏହି କ୍ୟାମ୍ପରୁ ୭ଟି ଗ୍ରେନେଡ୍, ୩ଟି ଜିଲୋଟିନ୍, ବ୍ଲାଷ୍ଟିଂ ମେସିନ ସମେତ ଅନେକ ସାମଗ୍ରୀ ଜବତ ହୋଇଛି । କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ଏ ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

କନ୍ଧମାଳ ଜିଲ୍ଲା କୋଟଗଡ଼ ଓ ବେଲଘର ଥାନା ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲରେ ଏସ୍‌ଓଜି ଯବାନମାନେ କମ୍ବିଂ ଅପେରସନ କରୁଥିବା ବେଳେ ଶନିବାର ଦିନ ପ୍ରାୟ ସାଢେ ୧୧ଟା ବେଳେ ନକ୍ସଲଙ୍କ ସହିତ ସେମାନଙ୍କର ମୁହାଁମୁହିଁ ହୋଇଥିଲା । ୧୫ରୁ ୨୦ ମିନିଟ୍ ଧରି ସେମାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏହା ପରେ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ନକ୍ସଲମାନେ ସେହି ସ୍ଥାନ ଛାଡ଼ି ଚାଲି ଯାଇଥିଲେ । ଗୁଳି ବିନିମୟ ବନ୍ଦ ହେବା ପରେ ଏସ୍‌ଓଜି ଯବାନମାନେ ଜଙ୍ଗଲରେ ସର୍ଚ୍ଚ ଅପେରସନ କରିଥିଲେ । ସର୍ଚ୍ଚ ଅପେରସନ୍ ବେଳେ ସେଠାରେ ଏକ ନକ୍ସଲ କ୍ୟାମ୍ପ ଠାବ ହୋଇଥିଲା । ସେଠାରେ ବଂଶଧାରା-ଘୁମୁସର-ନାଗାବଳୀ ନକ୍ସଲ ସଂଗଠନର କ୍ୟାମ୍ପ ଚାଲିଥିଲା ଓ ପ୍ରାୟ ୧୫ଜଣ ହାର୍ଡକୋର ନକ୍ସଲ ଥିଲେ ବୋଲି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି । ନକ୍ସଲମାନେ ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲରେ ଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ଏସ୍‌ଓଜି ଯବାନମାନେ ଗତ ୬ ତାରିଖରୁ କମ୍ବିଂ ଅପରେସନ ଆରମ୍ଭ କରିଥିଲେ । ଆଗକୁ ନିର୍ବାଚନ ଥିବାରୁ ମାଓବାଦୀମାନେ ସକ୍ରିୟ ହୋଇ ଉଠିଛନ୍ତି । ତେଣୁ ପୁଲିସ ମାଓବାଦୀଙ୍କୁ ସାବାଡ଼ କରିବା ପାଇଁ ଏକ ରଣନୀତି ଆପଣାଇଛି । ମାଓବାଦୀଙ୍କୁ ଦମନ କରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି । ଯେଉଁ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ଅଛନ୍ତି, ସେହି ଅଞ୍ଚଳର ପୁଲିସକୁ ନେଇ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଛି । ଏହି ଟିମ୍ ମାଓବାଦୀ ଗତିବିଧି ସମ୍ପର୍କରେ ନଜର ରଖିବ । ଯେଉଁଠି ମାଓବାଦୀ କ୍ୟାମ୍ପ ଥିବା ନେଇ ଖବର ମିଳିବ ତୁରନ୍ତ କମ୍ବିଂ ଅପରେସନ କରାଯିବ ।

> **ମାଓବାଦୀଙ୍କୁ ସାବାଡ୍ ପାଇଁ ଗଠନ ହେଲା ସ୍ପେଶାଲ ଟିମ୍**

---

### ୧୨ରେ ଗ୍ୟାଙ୍ଗଷ୍ଟାର୍ କାଲା ସହ ଲେଡି ଡନ୍ ମିଞ୍ଜର ବିବାହ

## ସୁରକ୍ଷାରେ ମୁତୟନ ହେବେ କମାଣ୍ଡୋଙ୍କ ସହ ୨୫୦ ପୁଲିସ୍

**ନୂଆଦିଲ୍ଲୀ,୧୦ ।୩(ଏଜେନ୍ସି):** ଦିଲ୍ଲୀର ଦ୍ୱାରକା ସେକ୍ଟର-୩ସ୍ଥିତ ଏକ ବିବାହ ମଣ୍ଡପ 'ସନ୍ତୋଷ ଗାର୍ଡେନ'ରେ ଆସନ୍ତା ୧୨ ତାରିଖରେ ବିବାହ ବନ୍ଧନରେ ଆବଦ୍ଧ ହେବେ କୁଖ୍ୟାତ ଗ୍ୟାଙ୍ଗଷ୍ଟାର୍ ସନ୍ଦୀପ ଓରଫ କାଲା ଜାଠେଡି ଓ ଲେଡି ଡନ୍ ହିଷ୍ଟ୍ରିସିଟର୍ ଅନୁରାଧା ଚୌଧୁରୀ ଓରଫ ମ୍ୟାଡାମ୍ ମିଞ୍ଜ୍ । ସେମାନଙ୍କ ବିବାହ ପାଇଁ ଦିଲ୍ଲୀର ଏକ ଅଦାଲତ ଦିନ ୧୦ଟାରୁ ଅପରାହ୍ନ ୪ଟା ଅର୍ଥାତ୍ ୬ଘଣ୍ଟା ପାଇଁ କାଲାକୁ ପାରୋଲ ମଞ୍ଜୁର କରିଛନ୍ତି । ହତ୍ୟା, ହତ୍ୟା ଉଦ୍ୟମ, ଲୁଣ୍ଠନ, ଅପହରଣ, ବଳପୂର୍ବକ ତଥା ଧମକଚମକ ଦେଇ ଅର୍ଥ ଆଦାୟ ଆଦି ଅନେକ ଗୁରୁତର ଅପରାଧରେ ଅଭିଯୁକ୍ତ କାଲାର ବିବାହରେ ଯେପରି କିଛି ବିଭ୍ରାଟ ନଘଟେ ତଥା କାଲା ଯେପରି ପୁଲିସ୍ କବଳରୁ ଖସିଯିବା ଭଳି କିଛି କାର୍ଯ୍ୟ ନକରିପାରିବ ତାହା ନିଶ୍ଚିତ କରିବା ପାଇଁ ୧୨ ତାରିଖରେ ସନ୍ତୋଷ ଗାର୍ଡେନ ଭିତରେ ଓ ବାହାରେ ସ୍ପେଶାଲ ୱେପନ ଆଣ୍ଡ ଟେକନିକ୍(ଏସଡବଲ୍ୟୁଏଟି) କମାଣ୍ଡୋଙ୍କ ଟିମ୍, ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍,କ୍ରାଇମ୍ ବ୍ରାଞ୍ଚ୍ ଓ ହରିୟାନା କ୍ରାଇମ୍ ଇନଭେଷ୍ଟିଗେସନ୍ ଏଜେନ୍ସି(ସିଆଇଏ) ସମେତ ୨୦୦ ପୁଲିସ୍ କର୍ମଚାରୀ ମୁତୟନ ରହିବେ ।



୧୩ ତାରିଖରେ ପୁଲିସ୍ ଟିମ୍ କଡ଼ା ସୁରକ୍ଷା ବଳୟରେ ନବଦମ୍ପତିଙ୍କୁ ଗୃହପ୍ରବେଶ ପାଇଁ କାଲାର ପୈତୃକ ଗ୍ରାମ ହରିୟାଣା ସୋନିପତ ଜିଲ୍ଲାର ଜାଠେଡି'କୁ ନେବେ । କାଲାର ଭାବୀପତ୍ନୀ ଲେଡି ଡନ୍ ଅନୁରାଧା ଚୌଧୁରୀ ଓରଫ୍ ମ୍ୟାଡମ୍ ମିଞ୍ଜଙ୍କ ଅପରାଧ ତାଲିକା ବହୁତ ଲମ୍ବା । ରାଜସ୍ଥାନର ଗ୍ୟାଙ୍ଗଷ୍ଟାର୍ ଆନନ୍ଦ ପାଲ ପାଇଁ ଅନୁରାଧା ଅନେକ ଅପହରଣ ଘଟାଇଛନ୍ତି ଓ ବଳପୂର୍ବକ ଟଙ୍କା ଆଦାୟର ଅନେକ ଅଭିଯୋଗ ତାଙ୍କ ବିରୋଧରେ ରହିଛି । କାଲା ବର୍ତ୍ତମାନ ତିହାର ଜେଲରେ ଅଛି । ୨୦୨୦ରେ ହରିୟାଣା ପୁଲିସ କାଲାକୁ ଅଦାଲତରେ ହାଜର କରାଇବାକୁ ନେଉଥିବା ବେଳେ ରାସ୍ତାରେ ତା'ର ଗ୍ୟାଙ୍ଗର ସଦସ୍ୟମାନେ ପୁଲିସକୁ ଘେରିଯାଇ ଅନ୍ଧାଧୁନ୍ ଗୁଳି ଚଳାଇଥିଲେ । ସେହି ସୁଯୋଗରେ କାଲା ଏସକର୍ଟଙ୍କୁ ଚକମା ଦେଇ ଖସିଯାଇଥିଲା । ସେତେବେଳେ କାଲା ଉପରେ ପୁଲିସ୍ ୭ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା । କାଲା ହେଉଛି ଗ୍ୟାଙ୍ଗଷ୍ଟାର କଣ୍ଟ୍ରାକ୍ଟ କିଲର୍ ଲରେନ୍ସ ବିଷ୍ଣୋଇର ଘନିଷ୍ଠ ସହଯୋଗୀ ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Bishnupriya Pradhan (60) W/O Kesha Ranjan Pradhan, At -Bijaynagar Padampur, PS-Padampur, Dist-Bargarh before the Notary Public Padampur declare that my name Bisnu Priya Pradhan as recorded in my spouse's passport and Bishnupriya Pradhan as recorded in my Aadhar are of the same and of one person for all the future purposes.

# ଲାୟନ୍ସ କ୍ଲବ୍ ଯାଜପୁର ଉଦ୍‌ଘାଟିତ



**ଯାଜପୁର ଟାଉନ, ୧୦।୩(ସମିସ):** ଯାଜପୁର ସହରସ୍ଥ ମିଶନ ଶକ୍ତି ଭବନରେ ଲାୟନ୍ସ କ୍ଲବ୍ ଯାଜପୁର ବିଧିବଦ୍ଧ ଭାବେ ଉଦଘାଟିତ ହୋଇଯାଇଛି। ଭଦ୍ରକ ଲାୟନ୍ସ କ୍ଲବର ସଭାପତି ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ୍ସ ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କ୍ଲବର କାର୍ଯ୍ୟ ଧାରା ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଇନଷ୍ଟାଲେସନ ଅଫିସର ପ୍ରକାଶ କୁମାର ଜେନା ଯୋଗ ଦେଇ ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଇବା ସହ କ୍ଲବର ନୀତି ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗ ଦେଇ ଯାଜପୁର ଅଞ୍ଚଳରେ ଲାୟନ୍ସ କ୍ଲବ୍ ନ ଥିଲା। ଏବେ ହୋଇଥିବାରୁ ଖୁସି ପ୍ରକାଶ କରିଥିଲେ। ସାମାଜିକ ସେବାରେ କ୍ଲବ୍ କାମ କଲେ ସୁନାମ ବଢ଼ିବା ସହ ଅବହେଳିତ ଜନସାଧାରଣ ଉପକୃତ ହେବେ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ ଯୋଗଦେଇ କ୍ଲବ୍ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କ୍ଲବର କାର୍ଯ୍ୟଧାରା ଓ ସଦସ୍ୟଙ୍କ ସହଯୋଗ ବିଷୟରେ ମତବ୍ୟକ୍ତ କରିଥିଲେ। ଲାୟନ୍ସ କ୍ଲବ୍ ଯାଜପୁରର ସଭାପତି ସମର ବିଜୟ ଶରଣ ଯାଜପୁର ସହର ତଥା ଏ ଅଞ୍ଚଳର ସାମୂହିକ ବିକାଶରେ ସହାୟକ ହେବ ବୋଲି କହିଥିଲେ। ସମାଜସେବାକୁ ଗୁରୁତ୍ୱ ଦେବା ସହ ସହରର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଯୁବପିଢ଼ି ଏଥିରେ ସାମିଲ ହେବା ପାଇଁ ନିବେଦନ କରିଥିଲେ। ବରିଷ୍ଠଙ୍କ ଆଶୀର୍ବାଦ ରହିଲେ କାର୍ଯ୍ୟରେ ସଫଳତା ମିଳିଥାଏ। ତାଙ୍କ ପରାମର୍ଶ ଓ ସମସ୍ତ ସଦସ୍ୟଙ୍କୁ ନେଇ ଆଗକୁ କାର୍ଯ୍ୟ କରିବି ବୋଲି କହିଥିଲେ।

ଏହି ଉଦ୍‌ଘାଟନୀ ଉତ୍ସବରେ ଲାୟନ୍ସ କ୍ଲବ୍ ଯାଜପୁର ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ, ସମାଜସେବୀ ତଥା ବରୁଣେଶ୍ୱର୍ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବଟକୃଷ୍ଣ ମହାପାତ୍ର ଓ ବରିଷ୍ଠ ଆଇନଜୀବୀ ସାମ୍ବାଦିକ ତଥା ଓଡ଼ିଶା ଷ୍ଟେଟ ବାର୍ କାଉନସିଲ୍‌ର ଉପାଧ୍ୟକ୍ଷ ରାଜୀବ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଶୁଭ୍ରକାନ୍ତ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। କ୍ଲବ୍ ସଦସ୍ୟ ଡାକ୍ତର ମନୋଜ କୁମାର ସେନାପତି, ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ, ଡାକ୍ତର ସୁଜିତ ସ୍ୱାଇଁ, ଡାକ୍ତର ଲଲାଟେନ୍ଦୁ ଦାସ, ଚିତ୍ତରଞ୍ଜନ ମିଶ୍ର, ପ୍ରମୋଦ ଦାସ, ଚିନ୍ତାମଣି ପାଗଲ, କୁମାର ପ୍ରସାଦ ଜେନା, ହରିଶଙ୍କର ସୁବୁଦ୍ଧି, ତାପସ ମହାପାତ୍ର, ବିପ୍ଲବୀ ବିରଜା ପ୍ରଧାନ, ନିରଞ୍ଜନ ସାହୁ, ଗୌରାଙ୍ଗ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ଅପରାଜେୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କାଳନ୍ଦୀ ମଲ୍ଲିକ ହତ୍ୟା ମାମଲା

# ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭିନ୍ନ ସଂଗଠନର ଦାବି

**ଯାଜପୁର, ୧୦।୩(ସମିସ)**



ଯାଜପୁର ସଦର ଥାନା ଅଧୀନ ସ୍ୱପ୍ନେଶ୍ୱର ଗାଁର କାଳନ୍ଦୀ ମଲ୍ଲିକ ହତ୍ୟାକାଣ୍ଡ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି। ଏହି ହତ୍ୟାକାଣ୍ଡ ପଛରେ ରାଜନୈତିକ ଷଡଯନ୍ତ୍ର, ଜାତିଗତ ହିନମାନ୍ୟତା ଓ ଆକ୍ରୋଶମୂଳକ ଭାବ ରହିଥିବା ଅଭିଯୋଗ ହୋଇଛି। ଏଥିରେ ୧୦ ଜଣ ଆସାମୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଗତକାଲି କାଳନ୍ଦୀ ଅନ୍ୟ ଦୁଇ ଜଣଙ୍କ ସହିତ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଜମଧର ଗ୍ରାମର ସୁରେନ୍ଦ୍ର ବେହେରା କଟୁରିରେ ଆକ୍ରମଣ କରି କାଳନ୍ଦୀକୁ ହତ୍ୟା କରିଥିଲା। ତେବେ ଏହି ହତ୍ୟାକାଣ୍ଡ ପଛରେ ପୂର୍ବ ବିବାଦ ରହିଥିବା ମଧ୍ୟ ଅଭିଯୋଗ ହୋଇଛି। ଆଜି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଓଡ଼ିଶା ମାନବାଧିକାର ମଞ୍ଚର ରାଜ୍ୟ ଆବାହକ ତଥା କଂଗ୍ରେସ ନେତା ମାଗୁଣି ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୃତକଙ୍କ ପରିବାରକୁ ଭେଟି ପ୍ରକୃତ କାରଣ ବୁଝିବା ସହିତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ସେହିପରି ମୂଳନିବାସୀ ୟୁନାଇଟେଡ଼ ଫୋରମ ପକ୍ଷରୁ ଏକ ପ୍ରତିନିଧି ଦଳ ଘଟଣା ସ୍ଥଳକୁ ପ୍ରାଥମିକ ଗସ୍ତ କରିଛନ୍ତି। ଏଥିସହ ଦଳିତ ପରିବାରକୁ ତ୍ୱରନ୍ତ ୧୦ ଲକ୍ଷ ଟଙ୍କାର ସହାୟତା ଓ ସେମାନଙ୍କର ସମସ୍ତ ଦାୟିତ୍ୱ ତୁରନ୍ତ ସରକାର ହାତକୁ ନେବାକୁ ଅନୁରୋଧ କରୁଛୁ। ତେଣୁ ଏହି ମାମଲାର ଗମ୍ଭୀରତା ଓ ଗୁରୁତ୍ୱ ଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ ସମସ୍ତ ଆସାମୀଙ୍କୁ ଗିରଫ କରାଯିବାକୁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିବେଦନ କରାଯାଇଛି। ୟୁନାଇଟେଡ଼ ଫୋରମ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରତାପ ଦାସ, କୋରେଇ ବ୍ଲକ ସଭାପତି ସହଦେବ ଜେନା, ଜିଲ୍ଲା ଯୁବ ସଭାପତି ପଙ୍କଜ ମଲ୍ଲିକ, ରସୁଲପୁର ସଭାପତି ମାନସ ମଲ୍ଲିକ, ବରୀ ସଭାପତି କ୍ଷେତ୍ରବାସୀ ଦାସ, ଆମ୍ବେଦକର ଫାଉଣ୍ଡେସନ ସଭାପତି ସୁରେନ୍ଦ୍ର ମଲ୍ଲିକ, କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ସଂଯୋଜକ ଦୁଷ୍ମନ୍ତ କୁମାର ଜେନା ପ୍ରମୁଖ ଦାବି କରିଛନ୍ତି।

## ନିଖୋଜ ଛାତ୍ର କେନ୍ଦୁଝରରୁ ଉଦ୍ଧାର

**ଟମକା, ୧୦।୩ (ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ବଣସାହି ଗ୍ରାମରୁ ଗତ ୮ ତାରିଖ ଅପରାହ୍ନ ୫ଟାରୁ ନିଖୋଜ ଥିବା ଛାତ୍ର ଦେବରାଜ(ରାଜା)କୁ କେନ୍ଦୁଝରରୁ ଟମକା ପୁଲିସ୍ ଉଦ୍ଧାର କରିଛି। ଗତ ୮ ତାରିଖ ମହାଶିବରାତ୍ରିରେ ଦେବରାଜ ଉପର ଟମକାକୁ କେତେକ ସାଙ୍ଗ ସହିତ ବୁଲିବାକୁ ଯାଇ ଘରକୁ ଫେରି ନ ଥିଲା। ଏ ଘଟଣାକୁ ନେଇ ପୁଅର ମା' ୯ ତାରିଖ ଦିନ ଟମକା ଥାନାରେ ଅଭିଯୋଗ ପରେ ଆଇଆଇସି ଶଙ୍କର୍ଷଣ ଦଳାଇ ଗୁରୁତ୍ୱ ଦେଇ ଏସ୍ଆଇ ପାର୍ବତୀ ମଲ୍ଲିକ ଓ କନେଷ୍ଟବଳ ସୁଶାନ୍ତ ରାଉତରାୟଙ୍କୁ ଦାୟିତ୍ୱ ଦେଇଥିଲେ। ରାଜାର ସାଙ୍ଗଙ୍କୁ ଜେରା କରିବା ପରେ ଜାଣିବାକୁ ପାଇଥିଲେ ଯେ ସେ ଟ୍ରେନରେ କେନ୍ଦୁଝର ଯାଇଥାଇପାରେ ବୋଲି କହିଥିଲେ। ୧୦ ତାରିଖ ସକାଳୁ ପୁଲିସ୍ ଉପସ୍ଥିତି ବୁଦ୍ଧିରେ କେନ୍ଦୁଝର ଯାଇ ଜଣକ ଘରୁ ରାଜାକୁ ଉଦ୍ଧାର କରି ପରିବାର ପାଖରେ ହସ୍ତାନ୍ତର କରିଛି। ଯାହା ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୯୧୦ ପରିବାର ସାମିଲ

**ଧର୍ମଶାଳା, ୧୦।୩ (ସମିସ):** ଧର୍ମଶାଳା ବ୍ଲକରେ ୯୧୦ ପରିବାର ନୂତନ ଭାବେ ପ୍ରଦାନ କରାଯାଉଥିବା ନବୀନ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ହୋଇଛନ୍ତି। ସାମିଲ ହୋଇଥିବା ପରିବାରଙ୍କୁ ବ୍ଲକ ପକ୍ଷରୁ ଆସନ୍ତାକାଲି ନବୀନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି। ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୫ ଲକ୍ଷ ଟଙ୍କା ଲେଖାଏଁ ରହିଥିବାବେଳେ ନବୀନ କାର୍ଡରେ ମହିଳାଙ୍କ ପାଇଁ ଏହା ବୃଦ୍ଧି କରାଯାଇ ୧୦ ଲକ୍ଷ କରାଯାଇଛି। ଆସନ୍ତାକାଲି ଜାରକାସ୍ଥ କଳ୍ପତରୁ ଦାସ ଷ୍ଟାଡିୟମରେ ପୂର୍ବାହ୍ନ ୯ ଘଟିକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିବେ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

## ବିରଜା ବିଶ୍ୱରୂପା ନବକୁଣ୍ଡୀୟ ମହାଯଜ୍ଞ ପ୍ରସ୍ତୁତି ବୈଠକ

**କୁଆଖିଆ, ୧୦।୩ (ସମିସ):** ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତରେ ଶ୍ରୀଶ୍ରୀ ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ ଓ ରାଷ୍ଟ୍ରୀୟ ସନ୍ଥ ସମ୍ମିଳନୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ନଠୁଆବର ଯଜ୍ଞ ପଡ଼ିଆରେ ଆୟୋଜିତ ବୈଠକରେ ଆଞ୍ଚଳିକ ଶ୍ରୀବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ଦଶରଥ ପଣ୍ଡା ଅଧ୍ୟକ୍ଷତା କରିଥିଲେ। କମିଟିର ନିଷ୍ପତ୍ତି ଅନୁଯାୟୀ ଏହି ମହାଯଜ୍ଞ ଆସନ୍ତା ୩୧ ତାରିଖରୁ ଆରମ୍ଭ ହୋଇ ୪ ତାରିଖରେ ସମାପନ ହେବ। କୃପାଣୀ ବିଶ୍ୱ କଲ୍ୟାଣୀ ମା'ବିରଜାଙ୍କ ନିର୍ଦ୍ଦେଶରେ ବିଶ୍ୱରେ ଶାନ୍ତି ଓ ପର୍ଯ୍ୟାବରଣ ସୁରକ୍ଷା ନିମିତ୍ତ ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜଙ୍କ ମାର୍ଗ ଦର୍ଶନରେ ଏହି ଯଜ୍ଞ କାର୍ଯ୍ୟ ସମାହିତ ହେବ। ଏଥିରେ ସମସ୍ତ ଜନସାଧାରଣ ସହଯୋଗ କରିବା ପାଇଁ ନିବେଦନ କରାଯାଇଥିଲା।

ଏଥିସହିତ ଏହି ଦ୍ୱିତୀୟ ବାର୍ଷିକ ମହାଯଜ୍ଞରେ ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ ଯୋଗଦାନ କରିବାର ପ୍ରସ୍ତାବ ରହିଛି। ଏଥିପାଇଁ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମା' ବିରଜାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି ପ୍ରତିଷ୍ଠିତ କରାଯାଇ ପୂଜାର୍ଚ୍ଚନା କରାଯିବ। ଏଥିପାଇଁ ୧ ତାରିଖ ସୋମବାର ପ୍ରତ୍ୟୁଷରୁ ନିକଟସ୍ଥ ଖରସ୍ରୋତା ନଦୀରୁ ଜଳ ଆସି ଘଟ ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଧାର୍ମିକ ଅନୁଷ୍ଠାନ ନଠୁଆବର, ଶ୍ରୀବନ୍ତପୁର, ଯାବରା, ଟିକରପଡ଼ା, ଗନ୍ଧଣ, ବଡ଼କଇଁଚି ପ୍ରଭୃତି ପଞ୍ଚାୟତର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ସହଯୋଗରେ ହେଉଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ସ୍ଥାନୀୟ ସରପଞ୍ଚ ଧ୍ରୁବାନନ୍ଦ ଦେଓ, ବିଦ୍ୟାଧର ବିଶ୍ୱାଳ, ପଡୋଶୀ ପଞ୍ଚାୟତର ବେଣୁଧର ନାୟକ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ପୂର୍ବତନ ସମିତି ସଭ୍ୟ ଅନନ୍ତ ପୁହାଣ, ନାରାୟଣ ଚନ୍ଦ୍ର ଜେନା, କର୍ତ୍ତା ରଞ୍ଜନ କୁମାର ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ରଥ ପଣ୍ଡା, ଆକୁଳାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ସଂଯୋଜକ ବୈଠକ

**ବ୍ୟାସନଗର, ୧୦।୩(ସମିସ):** ଯାଜପୁର ଜିଲ୍ଲା ମଧୁବୈଶ୍ୟ ସମାଜର ବ୍ଲକସ୍ତରୀୟ ସଂଯୋଜକଙ୍କ ଏକ ବୈଠକ ବସନ୍ତ କୁମାର ପାତ୍ରଙ୍କର ସଭାପତିତ୍ୱରେ ଦଳାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳର ସଂଯୋଜକ ଓ ସକ୍ରିୟ ସଦସ୍ୟ ଯୋଗ ଦେଇ ବ୍ଲକ ଓ ପୌର ଅଞ୍ଚଳରେ ସାଂଗଠନିକ ସ୍ଥିତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଏପ୍ରିଲ ୭ ତାରିଖ ଦିନ ଯାଜପୁର ଟାଉନରେ ମଧୁବୈଶ୍ୟ ସମାଜର ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହେବାକୁ ଯାଉଥିବା ପରିପ୍ରେକ୍ଷୀରେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହେବା ସହିତ ରାଜ୍ୟ ସଂଗଠନକୁ ସୂଚିତ କରାଯାଇଥିଲା। ଅନୁରୂପ ଭାବେ ଆସନ୍ତା ମଇ ମାସର ଦ୍ୱିତୀୟ ସପ୍ତାହରେ ଜିଲ୍ଲା ମଧୁବୈଶ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଗଲା ଓ ତାହା ପୂର୍ବରୁ ପ୍ରତ୍ୟେକ ବ୍ଲକରେ ବ୍ଲକ ସମ୍ମିଳନୀ ଓ ପୌର ପରିଷଦର ସମ୍ମିଳନୀ ସମାପନ କରିବାପାଇଁ ନିଷ୍ପତ୍ତି ନିଆଗଲା।

ଜିଲ୍ଲା ସଂଯୋଜକ ଧିରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ପ୍ରଶାନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ସୁନାକର ସାହୁ ଓ ସମ୍ମାନିତ ଅତିଥି ଭାବେ କମଳ ଲୋଚନ ସାହୁ ଯୋଗ ଦେଇ ମଧୁବୈଶ୍ୟ ସମାଜର ଉନ୍ନତି ଓ ପ୍ରଗତି ପାଇଁ ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ବୀରକିଶୋର ସାହୁ ଅତିଥିଙ୍କୁ ଆମନ୍ତ୍ରଣ କରିଥିଲେ ଓ ସୁନନ୍ଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁରରୁ ମନୋଜ କୁମାର ସାହୁ, ଅଞ୍ଜନ କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, ଅଶୋକ କୁମାର ସାହୁ, ରସୁଲପୁରରୁ ବିଜୟାନନ୍ଦ ସାହୁ, ମୋନାଲିସା ସାହୁ, ସୁକିନ୍ଦା ଓ ଦାନଗଦିରୁ ରବୀନ୍ଦ୍ର କୁମାର ସାହୁ ଓ ଅରୁଣ କୁମାର ସାହୁ ଯୋଗଦାନ କରିଥିଲେ। ସୁଧାଂଶୁ ଶେଖର ସାହୁ, ପ୍ରତାପ ଚନ୍ଦ୍ର ପାତ୍ର, ବିଷ୍ଣୁଚରଣ ସାହୁ, ସତୀଶ କୁମାର ସାହୁ, ହୃଷିକେଶ ପାତ୍ର, ନରେଶ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# କୋରେଇ ବ୍ଲକ କଂଗ୍ରେସ ପକ୍ଷରୁ ନିର୍ବାଚନୀ ବୈଠକ



**ବ୍ୟାସନଗର, ୧୦।୩(ସମିସ):** ଆଜି କୋରାଇ ନିର୍ବାଚନ ମଣ୍ଡଳୀର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବନ୍ଦିତା ପରିଡ଼ାଙ୍କ ଆହ୍ୱାନରେ ତଥା ବ୍ଲକ କଂଗ୍ରେସ କମିଟି ସଭାପତି ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ଯାଜପୁର ରୋଡସ୍ଥ ନଟପଡ଼ା କଂଗ୍ରେସ କାର୍ଯ୍ୟାଳୟରେ ଏକ ନିର୍ବାଚନ ସମ୍ପର୍କିତ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଂଗ୍ରେସ ନେତା ତଥା ପ୍ରମୋଦ କୁମାର ପରିଡ଼ା ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସମସ୍ତଙ୍କଠାରୁ ମତାମତ ମାଗିଥିଲେ। ଏଥିରେ ବିଶେଷ କରି ବ୍ଲକ କଂଗ୍ରେସ କମିଟି କର୍ମକର୍ତ୍ତା, ଜୋନ୍ କଂଗ୍ରେସ କମିଟି କର୍ମକର୍ତ୍ତା ମଣ୍ଡଳୀ ସହ ସମସ୍ତ ପଞ୍ଚାୟତ ସଭାପତି ଓ ଛାମୁଆଁ ସଂଗଠନର ନେତୃତ୍ୱ ଉପସ୍ଥିତ ରହି କର୍ମୀଙ୍କୁ ନେଇ 'ବିଜୟ ଜୋସ୍ ସଙ୍କଳ୍ପ ସଭା' କରାଯିବ ବୋଲି ସୂଚନା ଦେଇଥିଲେ।

ଏହି ବୈଠକରେ ୩ଟି ଜୋନ୍‌ର ସଭାପତି ମାର୍କଣ୍ଡ ମିଶ୍ର, ବିଜୟ କୁମାର ବୋଇତେଇ, ଚନ୍ଦ୍ରକାନ୍ତ ଖଣ୍ଡେଇ, ଓବିସି ସେଲ୍‌ଫ ଅଧ୍ୟକ୍ଷ ନରହରି କୁଅଁର, ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଜୟନ୍ତୀ ସାହୁ, ଦଳିତ ସେଲ୍‌ଫ ସଭାପତି ଉମାକାନ୍ତ ବେହେରା ଓ ବ୍ଲକ ଦଳିତ ସଭାପତି ନିରଞ୍ଜନ ଯେନା, ପୂର୍ବତନ କୋରେଇ ବ୍ଲକ ଉପାଧ୍ୟକ୍ଷ ଘନଶ୍ୟାମ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟବ୍ରତ ସାହୁ, କୋରେଇ ଯୁବ କଂଗ୍ରେସ ସଭାପତି ରବି ପ୍ରକାଶ ନାୟକ, ଛାତ୍ର କଂଗ୍ରେସ ସଭାପତି ସୁଜିତ୍ କୁମାର ମଲିକ, ଯୁବନେତା ଅମିତ୍ କୁମାର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ବିଜେପିର କେତେକ ଆଗଧାଡିର କର୍ମୀ କଂଗ୍ରେସ ଦଳରେ ମିଶ୍ରଣ ସାମିଲ ହୋଇଥିଲେ।

# ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ, ଫାଇନାଲରେ ଡିଫା

**ଧର୍ମଶାଳା, ୧୦।୩(ସମିସ):** ଧର୍ମଶାଳା ଫୁଟବଲ ଆସୋସିଏସନ ଓ ରଞ୍ଜିତ ସ୍ୱାଇଁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବାଣୀପୀଠ ପଡ଼ିଆରେ ଚାଲିଥିବା ୨୬ତମ ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆଜିର ମ୍ୟାଚ୍ ୨-୨ରେ ଅମୀମାଂସିତ ରହିବା ଫଳରେ ଟ୍ରାଇବ୍ରେକରରେ ଆୟୋଜକ ଡିଫା ୫-୪ ଗୋଲରେ ୟୁନାଇଟେଡ କ୍ଲବ ଭଦ୍ରକକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଆଜି ମ୍ୟାଚର ପ୍ରଥମାର୍ଦ୍ଧରେ ୟୁନାଇଟେଡ କ୍ଲବର କରୁଣା ହେମ୍ବ୍ରମ ଓ କାମଦେବ ଟୁଡୁ ଗୋଟାଏ ଲେଖାଏଁ ଗୋଲ କରିଥିବାବେଳେ ଡିଫା କ୍ଲବର ସେକ ୟୁନୁସ ଗୋଟିଏ ଗୋଲ କରିଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଡିଫା କ୍ଲବର ବୁଲୁ ମଲିକ ଗୋଟିଏ ଗୋଲ ଦେଇଥିଲେ। ଫଳରେ ମ୍ୟାଚ ଅମୀମାଂସିତ ରହିଥିଲା। ଟାଇବ୍ରେକରରେ ଡିଫା ୫-୪ ଗୋଲରେ ବିଜୟୀ ହୋଇଥିଲା। ଡିଫାର ବୁଲୁ ମଲିକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ୟୁନାଇଟେଡ କ୍ଲବର କରୁଣାକର ହେମ୍ବ୍ରମକୁ ବେଷ୍ଟ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ଟ୍ରେଜେରୀ ଅଫିସର ଅଶୋକ କୁମାର ସେଠୀ ଓ ସିଆରସିସି ବ୍ରଜକିଶୋର ପଣ୍ଡା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସେକ ମୋକିମ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ସେଠୀ ଓ ଶୈଳେଶ ପାଣି ଲାଇନରେ ସହାୟତା କରିଥିଲେ। ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ପ୍ରତାପ କ୍ଲବ ଭୁବନେଶ୍ୱର ଓ ଫ୍ରେଣ୍ଡସ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଡିଫାର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

## ବରୁଆଁ ମେଳଣ ପ୍ରସ୍ତୁତି ବୈଠକ



**ଯାଜପୁର, ୧୦।୩(ସମିସ):** ଐତିହାସିକ ବରୁଆଁ ମେଳଣ ନିମନ୍ତେ ବରୁଆଁସ୍ଥ ରାଧା ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଚୌଧୁରୀ ସତ୍ୟ ସୁନ୍ଦର ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ମାସ ୨୪ ରିଖ ସନ୍ଧ୍ୟାରେ ମେଳଣ ଆରମ୍ଭ ହୋଇ ପରଦିନ ସକାଳ ୧୦ଟାରେ ଶେଷ ହେବ। ଚଳିତବର୍ଷ ମେଳଣ କିପରି ଶାନ୍ତିଶୃଙ୍ଖଳାର ସହ ହେବ, ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବ ବୋଲି କମିଟିର ସଦସ୍ୟ ମତବ୍ୟକ୍ତ କରିଥିଲେ। ବିମାନ ଯଥାରୀତି ଅନୁସାରେ ଠିକ୍ ସମୟରେ ପଡ଼ିଆରେ ବିଜେ କରିବାକୁ ପ୍ରତ୍ୟେକ ଠାକୁର ବାଡ଼ିଆଙ୍କୁ ସଭାପତି ପରାମର୍ଶ ଦେଇଥିଲେ। ଠାକୁରଙ୍କ ବିଜେ ପିଣ୍ଡିକୁ ମରାମତି କରି ପଡ଼ିଆକୁ ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ମେଳଣକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପୁଲିସ ପ୍ରଶାସନର ସହଯୋଗ ନିଆଯିବାକୁ ସର୍ବସମ୍ମତ କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଠାକୁର ବାଡିର କର୍ମକର୍ତ୍ତା କୁଞ୍ଜବିହାରୀ ରାୟ, ବ୍ରଜକିଶୋର ପାଢ଼ୀ, ରମେଶ ଚନ୍ଦ୍ର ମିଶ୍ର, ସୂର୍ଯ୍ୟନାରାୟଣ ମିଶ୍ର, ଅଶୋକ କୁମାର ମହାନ୍ତି, ରଜନୀ କାନ୍ତ ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳ, ଜିତେନ୍ଦ୍ର ଭଞ୍ଜ, ନନ୍ଦକିଶୋର ସାହୁ, ଗଦାଧର ଦାସ, ବିପିନ ବିହାରୀ ନାୟକ, ପରମାନନ୍ଦ ସାହୁ, ଅଖିଳେନ୍ଦ୍ର ମହାନ୍ତି, ଜ୍ଞାନରଞ୍ଜନ ମାନ୍ଧାତା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ମହେଶ୍ୱରପୁରରେ ବିଶ୍ୱ ମହିଳା ଦିବସ ପାଳିତ



**ଯାଜପୁର, ୧୦।୩(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସହେଲୀ ଏନ୍‌ଜିଓ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯାଜପୁର ଜିଲ୍ଲା ନାବାର୍ଡର ମୁଖ୍ୟ ପରିଚାଳକ ସୁବ୍ରତ କୁମାର ସାହୁ ଯୋଗଦେଇ ବିଶ୍ୱ ମହିଳା ଦିବସ ଉପଲକ୍ଷେ ସମସ୍ତ ମହିଳାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ରାଜ୍ୟର ପ୍ରଗତି ପଥରେ ଆଗେଇ ଆସିବାକୁ ନାବାର୍ଡ ପକ୍ଷରୁ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗ ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରିବା ପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏ ମହିଳାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗଦେଇ ଆଜିର ଆଧୁନିକ ଯୁଗରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ସମାଜରେ ଥିବା ଅବହେଳିତ ମହିଳା ଗୋଷ୍ଠୀ ଗଠନ କରି ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ନିଜକୁ ସମାଜରେ ପ୍ରତିଷ୍ଠିତ କରିପାରିଛନ୍ତି। ଅନ୍ୟତମ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ସୁଜିତ ରାୟ, ସମିତିସଭ୍ୟା ସ୍ମୃତିରେଖା ସାମଲ, ନେତାଜୀ ଯୁବକ ସଂଘ ସଭାପତି ହରେକୃଷ୍ଣ ଦାସ ଯୋଗଦେଇଥିଲେ। ଏ ଅବସରରେ ଜିଲ୍ଲାର ପ୍ରତ୍ୟେକ ବ୍ଲକର ଆଦର୍ଶ ମହିଳା ସଂଗଠକ ଭାବେ ଯାଜପୁର ବ୍ଲକର ଝିଲିମା କୁଣ୍ଡୁ, ଦଶରଥପୁରର ମୀନାରାଣୀ ସାହୁ, ବିଂଝାରପୁରର ମୋନାଲିସା ରାଉତରାୟ, ବଡ଼ଚଣାର ଗାୟତ୍ରୀ ଜେନା, ରସୁଲପୁରର ସବିତା ଦାସ, ଦାନଗଦିର ସନ୍ଧ୍ୟାରାଣୀ ଦଳେଇ, କୋରେଇର ପ୍ରଜ୍ଞାପରମିତା ସାମଲଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହେଲୀ ଏନ୍‌ଜିଓର ମୁଖ୍ୟ ପରିଚାଳକ ବିଷ୍ଣୁ ଚରଣ ଜେନା ଓ ଯାଜପୁର ବ୍ଲକ ମହିଳା ମହାସଂଘର ସଭାନେତ୍ରୀ ସରସ୍ୱତୀ ପରିଚାଳନା କରିଥିଲେ।

# ବ୍ରହ୍ମବରଦା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ବ୍ରହ୍ମବରଦା, ୧୦।୩ (ସମିସ)**



ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତରେ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ଗୋଟିଏ ଦିନରେ ବରୀ ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ ଉଦଘାଟନ କରିଛନ୍ତି। ଏ ଅବସରରେ କର୍ମୀ ପ୍ରଥମେ ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ, ବ୍ରହ୍ମବରଦା ସରପଞ୍ଚ ଶ୍ରୀମତୀ ମମତା ଶୁଭଦର୍ଶିନୀ ଦେଓ, ସମିତିସଭ୍ୟା ରୁକସାନା ପରବିନଙ୍କୁ ବ୍ରହ୍ମବରଦା ବ୍ୟାଙ୍କ ଛକ ନିକଟରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରି ବିଶାଳ ବାଇକ ଶୋଭାଯାତ୍ରାରେ ନେଇଥିଲେ। ପ୍ରଥମେ ଛେନାଖିଆପାଟଣା ଗ୍ରାମର ଗୋପୀନାଥଜୀଉ ପ୍ରାଙ୍ଗଣରେ ଥିବା ଭୋଗ ମଣ୍ଡପଠାରୁ ଉଦଘାଟନ ପର୍ବର ଶୁଭାରମ୍ଭ କରିଥିଲେ ବିଧାୟିକା। ପରେ ୧୦ ନଂ ୱାର୍ଡର ରୁହାନି କମ୍ୟୁନିଟି ସେଣ୍ଟର, ବ୍ରହ୍ମବରଦା ଦୁର୍ଗା ମଣ୍ଡପ, ବ୍ରହ୍ମବରଦା ଶ୍ମଶାନ ଘାଟ, ମହିମା ଆଶ୍ରମ, ବରଦା ସାହିସ୍ଥ ଶାନ୍ତି ମଣ୍ଡପ, ବେଲଗୁଡିସ୍ଥ ଜାଗୁଳାଇ ସିସି ଓ ମଣି କମ୍ୟୁନିଟି ସେଣ୍ଟର, ଚାରିଗାରପୁରସ୍ଥ ଗ୍ରାମ୍ୟ ଗୋଷ୍ଠୀ ଶୌଚାଳୟ ଓ କଲ୍ୟାଣ ମଣ୍ଡପ, କଲେଜ ନିକଟ ସତସଙ୍ଗ ବିହାର, ମିସନ୍ ଶକ୍ତି ମିଟିଙ୍ଗ ହଲ୍ ଓ ଶେଷରେ ଡିଅସାହିସ୍ଥ ଉତ୍କଳ ଗୌରବ ସେବା ସଂସଦ ଗୃହକୁ ଉଦଘାଟନ କରିଥିଲେ। ଏ ଅବସରରେ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ଶ୍ରମିକ ନେତା ପ୍ରଦୀପ ଦାସ, ଯୁବନେତା ରାକେଶ ଦେଓ ଅତିଥି ଭାବେ ଯୋଗ ଦେଇଥିବାବେଳେ ଉତ୍କଳ ଗୌରବ ସେବା ସଂସଦ ସଭାପତି ଜିତେନ୍ଦ୍ର ପ୍ରସାଦ ସାହୁ, ଉପସଭାପତି ନିତ୍ୟାନନ୍ଦ ରାଉତ, ସଭ୍ୟ ମହେଶ ବେହେରା, ଅକ୍ଷୟ ବେହେରାଙ୍କ ସମେତ କର୍ମୀ ଜୁଲଫିକର ଅଲ୍ଲୀ, ଚିତ୍ତରଞ୍ଜନ ଦାସ, ଦୀନବନ୍ଧୁ ରାଉତ, ପ୍ରଶାନ୍ତ ରାଉତ, ପ୍ରଶାନ୍ତ ଦେଓ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଚୋରା ମଦ ବିକ୍ରିକୁ ନେଇ ତାତିଲେ ମହିଳା

**ବନ୍ତ/ଆଗରପଡ଼ା, ୧୦।୩(ସମିସ):** ଅବକାରୀ ବିଭାଗର ଷ୍ଟାଣୁତାର ସୁଯୋଗ ନେଇ ଚୋରା ମଦ ମାଫିଆମାନେ ସ୍ଥାନୀୟ ଅଞ୍ଚଳରେ ସକ୍ରିୟ ହୋଇପଡ଼ିଛନ୍ତି ବୋଲି ଅଭିଯୋଗ ହୋଇଛି। ବିଭିନ୍ନ ସ୍ଥାନରେ ମାଫିଆମାନେ ଖୋଲାଖୋଲି ମଦ ବିକ୍ରୀ କରୁଥିଲେ ସୁଦ୍ଧା ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାରେ ବିଭାଗୀୟ ଅଧିକାରୀମାନେ ବ୍ୟର୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ବନ୍ତ ବ୍ଲକ ଗୋପିନାଥପୁର ପଂଚାୟତ ସ୍ଥିତ ସନ୍ଦାଡ଼ୋ ଠାରେ ଖୋଲାଖୋଲି ମଦ ବିକ୍ରି ହେଉଥିବାରୁ ମହିଳାମାନେ ଏକତ୍ରିତ ହୋଇ ମଦଦୋକାନକୁ ଭଙ୍ଗାରୁଜା କରିବାକୁ ପ୍ରସ୍ତୁତ ହେଉଥିଲେ। ଉକ୍ତ ଖବର କୌଣସି ସୂତ୍ରରୁ ସ୍ଥାନୀୟ ସରପଞ୍ଚ ପାଇ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିବା ଓ ମଦମାଫିଆ ଏହାକୁ ଆଉ ବିକ୍ରି କରିବେ ନାହିଁ ବୋଲି ସ୍ୱୀକାର କରିବା ପରେ ମହିଳାମାନେ ଏଥିରୁ କ୍ଷାନ୍ତ ହୋଇଥିବାର ଜଣାପଡ଼ିଛି।

## ଲୁଟ୍ ପରେ ଆଖୁବାଡ଼ିରେ ଫିଙ୍ଗିଦେଲେ ଖାଲି ବାକ୍ସ

**ବାରିକପୁର, ୧୦।୩(ସମିସ):** ରାତି ଅଧରେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ଘରେ ଶୋଇଥିବା ବେଳେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନିକଟ ଆଖୁବାଡିରେ ଫିଙ୍ଗିଦେଲେ ଖାଲି ବାକ୍ସ। ଏମିତି ଏକ ଘଟଣା ଘଟିଛି ଭଣ୍ଡାରୀପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ଗ୍ରାମରେ। ପ୍ରାପ୍ତ ସୂଚନା ଅନୁଯାୟୀ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରାମର ପିତାମ୍ବର ପ୍ରଧାନଙ୍କ ଘରେ ପଶିଥିଲେ। ଘରର ଝରକା କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଘର ଭିତରକୁ ପ୍ରବେଶ କରି ବାକ୍ସ ଚୋରାଇ ନେଇଥିଲେ। ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୨୦ହଜାର ଟଙ୍କା ଡକାୟତ ମାନେ ଚୋରି କରିଥିବା ବେଳେ ଖାଲି ବାକ୍ସକୁ ନିକଟ ଆଖୁବାଡିରେ ଫିଙ୍ଗି ଦେଇଥିଲେ। ଏନେଇ ଗୃହକର୍ତ୍ତା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସନ୍ଧାନୀ କୁକୁର ଦ୍ୱାରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଘର ଗଳିରୁ ଷଣ୍ଢ ଉଦ୍ଧାର

**ଭଣ୍ଡାରିପୋଖରୀ, ୧୦।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳଦା ପଞ୍ଚାୟତ ଜଳହରୀ ଗ୍ରାମର ବଳରାମ ସାହାଣୀଙ୍କ ଘର ଓ ନୃସିଂହ ସାହାଣୀଙ୍କ ଘର ସଂକୀର୍ଣ୍ଣ ଗଳିରେ ଫସିଯାଇଥିବା ଏକ ବୁଲା ଷଣ୍ଢକୁ ଦମକଳ କେନ୍ଦ୍ର କର୍ମଚାରୀମାନେ ରବିବାର ଉଦ୍ଧାର କରିଛନ୍ତି। ଷଣ୍ଢଟି ୨କାନ୍ଥ ମଧ୍ୟରେ ପଶିଯାଇଥିଲା। ମାତ୍ର ବାହାରି ପାରୁନଥିଲା। ସୂଚନା ପାଇ ସ୍ଥାନୀୟ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ସୁରକ୍ଷିତ ଭାବେ ଷଣ୍ଢକୁ ଉଦ୍ଧାର କରିଥିଲେ।

## ଇତିହାସ ବିଭାଗ ପାଠଚକ୍ର

**ଭଦ୍ରକ, ୧୦।୩(ସମିସ):** ଭଦ୍ରକ ଉତ୍ତରବାହିନୀ ସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ଇତିହାସ ବିଭାଗ ପକ୍ଷରୁ ଓଡ଼ିଶାରେ ପର୍ଯ୍ୟଟନ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପିକା ତଥା ମହାବିଦ୍ୟାଳୟ ଅଧ୍ୟକ୍ଷା ରାଜଶ୍ରୀ ନାୟକ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅବନୀ ପ୍ରଧାନ, ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ ଶୁଭକାନ୍ତ କୁଅଁର, ଅନ୍ୟତମ ବକ୍ତାଭାବେ ଅଧ୍ୟାପିକା ପଦ୍ମାଳୟା ଖଟୁଆ, ପ୍ରାକ୍ତନ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ ଏହି ଆଲୋଚନା ଚକ୍ରରେ ଯୋଗଦେଇଥିଲେ।

### ପ୍ରାକ୍ତନ ପୌରାଧ୍ୟକ୍ଷଙ୍କ ଏକାଦଶାହ ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚିତ

# ‘ମାନସ ମହାନ୍ତି ଥିଲେ ଭଦ୍ରକ ସହରର ବିକାଶ ପୁରୁଷ’

ଭଦ୍ରକ, ୧୦।୩(ସମିସ)



ବାସ୍ତବରେ ଭଦ୍ରକ ସହରାଞ୍ଚଳର ବିକାଶ ପୁରୁଷ ଥିଲେ ଦିବଙ୍ଗତ ପୂର୍ବତନ ପୌରାଧ୍ୟକ୍ଷ ମାନସ କୁମାର ମହାନ୍ତି। କଂଗ୍ରେସ ସରକାର ଅମଳରେ ନିଜର ରାଜନୈତିକ କ୍ୟାରିଅର ଆରମ୍ଭ କରି ଛାତ୍ରନେତାରୁ ନିଜ ପାଦ ଥାପି ଥିଲେ। ଜଣେ ଦକ୍ଷ ସଚ୍ଚୋଟ ରାଜନେତା ଭାବେ ସେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରି ସ୍ମରଣୀୟ ରହିବେ। ସେ ଭଦ୍ରକ ଏନ୍‌ଏସିର ୧୯୮୫ରୁ ୧୯୮୮ ଅଧ୍ୟକ୍ଷ ଥିଲେ। ପରେ ସେତେବେଳେ ୧୯୮୮ରେ ଭଦ୍ରକ ଏନ୍‌ଏସି ପୌରପାଳିକା ମାନ୍ୟତା ପାଇଲା ସ୍ୱର୍ଗତ ମହାନ୍ତି ୧୯୯୦ ଯାଏଁ ମଧ୍ୟ ଅଧ୍ୟକ୍ଷ ରହିଥିଲେ। ପୁଣି ବିଜୁ ଜନତା ଦଳରୁ ଭଦ୍ରକ ପୌରାଧ୍ୟକ୍ଷ ଭାବେ ୨୦୧୩ ରୁ ୨୦୧୮ ଯାଏଁ ନିର୍ବାଚିତ ହୋଇଥିଲେ। ତାଙ୍କ ସମୟରେ ଭଦ୍ରକ ସହରର ବିକାଶ ଆରମ୍ଭ ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କ ଦାୟିତ୍ୱ ନିର୍ବାହ ସମୟରେ ସେ ସହରର ସଫେଇ କାର୍ଯ୍ୟକୁ ପ୍ରାଥମିକତା ଦେଇଥିଲେ। ଏହାବ୍ୟତୀତ ଭଦ୍ରକ ସହରାଞ୍ଚଳର ଥିବା କଚ୍ଚା ରୋଡକୁ ସେ ପ୍ରଥମେ ପିଚୁ ରୋଡ କରିଥିଲେ। ଏହାଛଡା ୱାର୍ଡ ଗୁଡିକରେ ଷ୍ଟ୍ରିଟ ଲାଇଟ୍ ଓ ପାନୀୟ ଜଳ ବ୍ୟବସ୍ଥା ତାଙ୍କ ଅମଳରେ ଆରମ୍ଭ ହୋଇଥିଲା। ମୃତ୍ୟୁ ପର୍ଯ୍ୟନ୍ତ ସେ ବିଜୁ ଜନତା ଦଳର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ଭାବେ ସକ୍ରିୟ ରାଜନୀତିରେ ଥିଲେ ବୋଲି ଆଜି ତାଙ୍କ ବଙ୍କସାହି ବାସଭବନ ପରିସରରେ ଅନୁଷ୍ଠିତ ଏକାଦଶାହ ସ୍ମୃତିସଭାରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ଉପରୋକ୍ତ ସ୍ମୃତିଚାରଣ କରିଛନ୍ତି। ବରିଷ୍ଠ ଆଇନଜୀବୀ ଅତିସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ମନ୍ତ୍ରୀ ଯୁଗଳକିଶୋର ପଟ୍ଟନାୟକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ବିଜେପି ନେତା ଅଭିମନ୍ୟୁ ସେଠୀ, ଅଜୟ ନାୟକ, ଡାକ୍ତର ପ୍ରଦୀପ ନାୟକ, ଯୁବନେତା ସୀତାଂଶୁ ଶେଖର ମହାପାତ୍ର, ଦୁର୍ଗା ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରନାରାୟଣ ଜେନା, ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରଭାତ ଜେନା, ଆଇନଜୀବୀ ରାଧା ଦାସ, ପ୍ରାକ୍ତନ କାଉନସିଲର ପ୍ରବୀର ଜେନା, ପ୍ରଣୟ ଦାସ, ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, କାଉନସିଲର ଦିଲିପ ନାୟକ, ଜୁଲଫିକର ଅଲ୍ଲି, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତଲତା ନାୟକ, ଦେବୀଦତା ମହାନ୍ତି, ରାଜଲକ୍ଷ୍ମୀ ମହାପାତ୍ର, ଗଜେନ୍ଦ୍ର ପଣ୍ଡା, ସୂର୍ଯ୍ୟକୁମାର ଦାସ, ଗଦାଧର ବଳ, ଦଳିତନେତା ରାଜନ୍ଦ୍ରେ ଜେନା, ଶାନ୍ତିଲତା ନାଗ, ସୁଧାକର ରାଉତ, ରୋଟାରିଆନ୍ ଶିଶିର ମିଶ୍ର, ଗଦାଧର ମିଶ୍ର, ବିଜୟ ମହାପାତ୍ର, ପବନ ଶର୍ମା, ଦେବେନ୍ଦ୍ର ମହାନ୍ତି, ଉର୍ମିଳା ଚୌଧୁରୀ, ଜ୍ୟୋତିପ୍ରକାଶ ମହାନ୍ତି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। ସଭାରେ କବି କିଶୋର ପାଣିଗ୍ରାହୀଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକା ‘ମାନସେ ମାନସ’କୁ ଉନ୍ମୋଚିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତାଙ୍କ ପୁତ୍ର ମିଳନ, ଚନ୍ଦନଙ୍କ ସମେତ ପୁତୁରା ମିହିର, ସତ୍ୟକିସାର୍ଥକ ଓ ବୋହୂ ଦେବହୁତି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷାବିତ୍ ଶତ୍ରୁଘ୍ନ ନାଥଙ୍କ ଶ୍ରାଦ୍ଧ ବାର୍ଷିକ




**ଭଦ୍ରକ, ୧୦।୩(ସମିସ):** ଭଦ୍ରକ ତ୍ୟାଗ ଭୂମି ସାଂସ୍କୃତିକ ସମ୍ମେଳନ ଆନୁକୂଲ୍ୟରେ ଓଡ଼ିଶାର ଖ୍ୟାତନାମା ଗୁରୁ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକ ଓ ସ୍ମୃତି ସମାରୋହ ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲିକ, ବାଗ୍ମୀ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ.ରାଧାରାଣୀ ମହାପାତ୍ର, ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସ, ସୁନାମଧନ୍ୟ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ପାଖରେ ଶିଷ୍ୟତ୍ୱ ଗ୍ରହଣ କରିଥିବା ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ ସର୍ବଶ୍ରୀ ଚନ୍ଦ୍ରଶେଖର ନାୟକ, ଶାନ୍ତନୁ ରାଉତ, ସଚ୍ଚିଦାନନ୍ଦ ପାଣିଗ୍ରାହୀ, ଗୋବର୍ଦ୍ଧନ ନାୟକ, ହରମୋହନ କୁଅଁର, ଭାଗବତ ତ୍ରିପାଠୀ, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିବା ବେଳେ ବୈକୁଣ୍ଠ ବିଶ୍ୱାଳ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ସୁଧାକର ରାଉତ ସ୍ୱାଗତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଅଧିବକ୍ତା ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲି ଚୋରି କରୁଥିବା ୨ଟି ହାଇୱା ଅଟକ

**ଧାମନଗର, ୧୦।୩(ସମିସ):** ବୈତରଣୀ ନଦୀରୁ ବାଲି ଚୋରାଚାଲାଣ କରୁଥିବା ଦୁଇଟି ହାଇୱାକୁ ଧାମନଗର ପୁଲିସ୍ ଜବତ କରିଛି। ଶନିବାର ରାତିରେ ଷେଣ୍ଢପୁର-ଧାମନଗର ମୁଖ୍ୟ ରାସ୍ତାରୁ ୨ଟି ହାଇୱା ଧାମନଗର ଅଭିମୁଖେ ଆସୁଥିବା ବେଳେ ଧାମନଗର ଥାନା ଏସଆଇ ରାଜେଶ ସେଠୀ ଦେଖିବାକୁ ପାଇଥିଲେ। ପାଟ୍ରୋଲିଂରେ ଥିବା ଅନ୍ୟ ପୁଲିସ ଷ୍ଟାଫ ପହଞ୍ଚି ଗାଡିଟିକୁ ଅଟକାଇ ଯାଞ୍ଚ କରିଥିଲେ। ତେବେ ଟ୍ରକ ଚାଳକ ଯୋଗ୍ୟ ଟ୍ରାଞ୍ଜିଟ ପାସ୍ ବା ୱାଇ ଫର୍ମ ଦେଖାଇ ପାରି ନଥିଲେ। ଏଣୁ ଟ୍ରକଟିକୁ ଥାନାକୁ ନେଇ ଅଟକ ରଖିଥିଲେ। ଦୀର୍ଘ ୧୮ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଥାନାରେ ଗାଡ଼ି ୨ଟି ଅଟକ ରହିଥିବା ଜଣାପଡ଼ିଛି।

## ଚନ୍ଦନେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଅସୁରାଳି, ୧୦।୩(ସମିସ):** ଧାମନଗର ବ୍ଲକ ଅଧୀନସ୍ଥ ସାହସପୁର ପଞ୍ଚାୟତ ଅନ୍ତର୍ଗତ ପନ୍ଦର ବାଟିଆ ଗ୍ରାମରେ ନୂତନ ଚନ୍ଦନେଶ୍ୱର ମନ୍ଦିର ଓ ପାର୍ଶ୍ୱ ଦେବତା ମାନଙ୍କ (ଶିବ ମନ୍ଦିର) ର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧୂଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଧାମନଗର ବ୍ଲକ ବିଜେଡି ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ସାହସପୁର ସରପଞ୍ଚ ପ୍ରତିନିଧି ବିଜୟ ସାହୁ, ପୂର୍ବତନ ସରପଞ୍ଚ ପର୍ଶୁରାମ ଓଝା, ସାହସପୁର ସମିତି ସଭ୍ୟା ପବିତ୍ରା ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟା ସମୟରେ ଭଜନ, ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।



## ଟ୍ରକ୍ ଧକ୍କାରେ ଚାଳକ ମୃତ

# ରାସ୍ତାରେ ଶବ ରଖି ଧାରଣା

**ବାସୁଦେବପୁର, ୧୦ ।୩(ସମିସ)**



ବାସୁଦେବପୁର ଅନ୍ତର୍ଗତ ସାନକୃଷ୍ଣପୁର ସ୍ଥିତ ପାରାପୋଖରୀ ଛକ ଠାରେ ଏକ ସଡ଼କ ଦୁର୍ଘଟଣାରେ ଯୁବ ଟ୍ରକ ଚାଳକ ସ୍ଥାନୀୟ ଦୟାନିଧି ମାହୁନ୍ତଙ୍କ ପୁଅ ବାପି(୩୫)ଙ୍କ ମୃତ୍ୟୁ ହୋଇଯାଇଛି । ଆଜି ସକାଳେ ବାପି ଟ୍ରକ୍ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ଆଉ ଏକ ଆଇରନ ବୋଝେଇ ଟ୍ରକ୍ ଦ୍ରୁତ ଗତିରେ ଆସି ଚଢିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ସହ ଉତ୍ତେଜନା ପ୍ରକାଶ ପାଇଥିଲା । ୨ଦିନ ତଳେ ପାରାପୋଖରୀର ଠାରୁ ତିନି କିଲୋମିଟର ଦୂର କାଞ୍ଚିଆନାଳୀ ଛକରେ ଏକ ଆଇରନ ଟ୍ରକ ଚାପାରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଥିବା ବେଳେ ଆଜି ପୁଣି ଯୁବ ଚାଳକର ମୃତ୍ୟୁକୁ ନେଇ ଉତ୍ତେଜନା ଉଗ୍ରରୂପ ଧାରଣ କରିଥିଲା । ଟ୍ରକ ଚାଳକମାନେ ବେପରୁଆ ଗାଡି ଚଳାଇବା ସହିତ ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଫେରାର ହୋଇଯିବା ଲୋକଙ୍କୁ ବ୍ୟଥିତ କରିଥିଲା । ଫଳରେ ରାସ୍ତା ଉପରେ ମୃତଦେହକୁ ରଖି ଧାରଣା ଦେଇଥିଲେ । ଶତାଧିକ ସଂଖ୍ୟାରେ ଲୋକ ପ୍ରଶାସନ ଓ ଧାମରା ବନ୍ଦର କର୍ତୃପକ୍ଷଙ୍କ ବିରୁଦ୍ଧରେ ନାରା ଦେଇ ଘଣ୍ଟା ଘଣ୍ଟା ରାସ୍ତା ଉପରେ ଟାୟାର ଜାଳି ବସି ରହିଥିଲେ । ମୃତ ଚାଳକ ବାପି ଏକ ଗରିବ ଖଟିଖିଆ ପରିବାରରେ ହୋଇଥିବା ବେଳେ ତାହାର ମା' ବାପାଙ୍କ ସମେତ ବେସାହାରା ପତ୍ନୀ ଓ ୨କୁନିକୁନି ଝିଅର ଭବିଷ୍ୟତକୁ ନେଇ ଲୋକମାନେ ତାତି ଉଠିଥିଲେ । ସେମାନଙ୍କ ଭରଣ ପୋଷଣ ଓ ଭବିଷ୍ୟତକୁ ନେଇ ଜିଲ୍ଲାପାଳ ଓ ଧାମରା ବନ୍ଦରର ମୁଖ୍ୟ ନ ଆସିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଦାବି କରିଥିଲେ । ଖବରପାଇ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତାଙ୍କ ସମେତ ସ୍ଥାନୀୟ ତହସିଲଦାର ସୌରଭ ପଣ୍ଡା, ବିଡିଓ ସଞ୍ଜୀବ ସାହୁ, ସ୍ଥାନୀୟ କଶିଆ ସାମୁଦ୍ରିକ ଥାନା ପୁଲିସ ସାବିତ୍ରୀ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ । ହେଲେ ଉତ୍ତେ୍ୟକ୍ତ ଲୋକେ କୌଣସି ଅଧିକାରୀଙ୍କ କଥାକୁ ମାନି ନଥିଲେ । ଧାରଣା ଦୀର୍ଘ ସମୟ ଧରି ଜାରି ରହିବା ଫଳରେ ବାସୁଦେବପୁର ଧାମରାକୁ ଯୋଗାଯୋଗ ଠପ ହୋଇ ଯାଇଥିଲା । ବହୁ ସମୟ ଧରି ଲୋକମାନଙ୍କ ସହିତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ପୁଲିସଙ୍କ ମଧ୍ୟରେ ଆଲୋଚନା ଜାରି ରହିବା ଫଳରେ ଅପରାହ୍ନରେ ସମାଧାନର ବାଟ ବାହାରିଥିଲା । ମୃତ ଚାଳକର ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

● **ଭଦ୍ରକ ଓକିଲ ସଂଘର ବାର୍ଷିକ ଉତ୍ସବ**

## 'ବିଚାର ସମୟରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବାକୁ ଗୁରୁତ୍ୱ'



**ଭଦ୍ରକ, ୧୦ ।୩(ସମିସ):** ମାମଲାର ବିଚାର ସମୟରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖି ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ବିଚାରପତି ଓ ଆଇନଜୀବୀମାନେ ଉଦ୍ୟମ ଜାରି ରଖିବାକୁ ଆଜି ଭଦ୍ରକ ଓକିଲ ସଂଘ ପକ୍ଷରୁ ବାର୍ଷିକ ଉତ୍ସବରେ ଦୁଇ ବିଚାରପତି ପରାମର୍ଶ ଦେଇଛନ୍ତି । ସେହିଭଳି ବିଚାରପତି ଓ ଓକିଲ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି । ତେଣୁ ସେମାନେ ସାଧୁତାର ସହ କାମ କଲେ ନ୍ୟାୟ ନିରପେକ୍ଷ ହୋଇପାରିବ ବୋଲି କହିଥିଲେ । ଓକିଲ ସଂଘ ସଭାପତି ନିରାକାର ଜେନାଙ୍କ ସଭାପତିତ୍ୱରେ ସହିଦ ଭବନ ଠାରେ ଅନୁଷ୍ଠିତ ଭଦ୍ରକ ଓକିଲ ସଂଘର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର, ପୂର୍ବତନ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ସଦସ୍ୟ ମନୋରଞ୍ଜନ ମହାନ୍ତି, ଜିଲ୍ଲାଜଜ ସଂଗ୍ରାମକେଶରୀ ପଟ୍ଟନାୟକ ଯୋଗ ଦେଇଥିଲେ । ଉପ ସଭାପତି ମନୋରଞ୍ଜନ ଦାସ ଅତିଥି ପରିଚୟ ଦେଇଥିବା ବେଳେ ସାଧାରଣ ସମ୍ପାଦକ ଦିବ୍ୟସିଂହ ନାୟକ ବାର୍ଷିକ ଉତ୍ସବରେ ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ସଂଘର ଏକ ସ୍ମରଣିକା 'ଦି ଲୟର'କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ । ଅଧିବକ୍ତା ଅରୁଣ ଚାନ୍ଦ, ଗିରିଧାରୀ ନାଥ ଏଥିରେ ଯୋଗଦେଇଥିଲେ । ଶେଷରେ ଦିବ୍ୟସିଂହ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

**ଧାମନଗର, ୧୦ ।୩(ସମିସ):** ଧାମନଗର ଥାନା ଅଧୀନ ଚୁଡାକୁଟି ବଜାରରେ ଥିବା ଜଗା କାଳିଆ ଜୁଏଲାରୀରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ନେଇ ଧାମନଗର ଥାନାରେ ୨ଟି ଅଭିଯୋଗ ହୋଇଛି । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ ଚୁଡାକୁଟି ବଜାରରେ ଥିବା ପୋଇ ମାର୍କେଟ କମ୍ପେ୍ଲକ୍ସରେ ରବୀନ୍ଦ୍ର କୁଣ୍ଡୁ ଦୀର୍ଘ ଦିନ ହେବ ସୁନା ଦୋକାନ କରିଥିଲେ । ଗତକାଲି ରାତିରେ ୪ଜଣ ଦୁର୍ବୃତ୍ତ ପ୍ରଥମେ ସେହି କମ୍ପେ୍ଲକ୍ସରେ ଥିବା ମିଠା ଦୋକାନୀକୁ ଜୀବନରୁ ମାରିଦେବାର ଧମକ ଦେଇ ହାତଗୋଡ଼ ବାନ୍ଧି ପକାଇଦେବା ସହିତ ୨୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟିନେଇଥିଲେ । ପରେ ସେହି କମ୍ପେ୍ଲକ୍ସରେ ଥିବା ଏକ ଜୁଏଲାରୀ ଦୋକାନର ସଟର କାଟି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି । ଖବର ପାଇ ଉକ୍ତ କମ୍ପେ୍ଲକ୍ସର ମାଲିକ ନରୋତ୍ତମ ପୋଇ ଓ ତାଙ୍କ ୩ ଭାଇ ସେଠାରେ ପହଞ୍ଚି ମିଠା ଦୋକାନୀଙ୍କୁ ଉଦ୍ଧାର କରିବା ସହିତ ଧାମନଗର ପୁଲିସ୍‌କୁ ଖବର ଦେଇଥିଲ । ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହିତ ସାଇଣ୍ଟିଫିକ ଟିମ ଦ୍ୱାରା ଯାଞ୍ଚ କରାଯିବ ବୋଲି ସୂଚନା ଦେଇଛନ୍ତି । ଏହି ଘଟଣାର ଧାମନଗର ଥାନା ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଫନିନ୍ଦ୍ର ଭୂଷଣ ନାୟକ ସୂଚନା ଦେଇଛନ୍ତି ।

## ୨ଟି ଗୋରୁ ବୋଝେଇ ପିକଅପ୍ ଜବତ; ୩ ଗିରଫ

**ଦାନଗଡି/ସୁକିନ୍ଦା, ୧୦ ।୩(ସମିସ):** ରାତ୍ର ପାଟ୍ରୋଲିଂ ବେଳେ ୨ଟି ଗୋରୁ ବୋଝେଇ ପିକଅପ ଗାଡିକୁ ଡୁବୁରୀ ଛକରୁ କଳିଙ୍ଗନଗର ପୁଲିସ ଜବତ କରିଛି । ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଆଜି ଗିରଫ କରିଛି । ଗିରଫ ୩ ଜଣ ହେଲେ ଗୋରୁ ଚାଲାଣକାରୀ (ଟ୍ରାନ୍ସପୋର୍ଟର) ଖୋର୍ଦ୍ଧା ଜିଲ୍ଲା ବେଗୁନିଆର ଅମୀର ଖାନ, ପିକଅପ ଡ୍ରାଇଭର କଟକ ବଡମ୍ବା ଥାନା ଜରିପଦର ସୌମ୍ୟ ରଞ୍ଜନ ଜେନା, କାନପୁର ଶଳାଶବନ୍ଧର ପବିତ୍ର ମଲିକ । ପୁଲିସ ୫୮/୨୦୨୪ରେ ମାମଲା ରୁଜୁ କରିଛି । ଅପରପକ୍ଷରେ ପୁଲିସ ୨ଟି ଗାଡ଼ିରୁ ୧୦ଟି ଗୋରୁ (କେବଳ ବଳଦ) ଜବତ କରିଛି । ଅମୀର ଖାନଙ୍କ ସହାୟତାରେ କଟକରୁ ଉକ୍ତ ପିକଅପ ଭ୍ୟାନ ଗାଡ଼ି ଦ୍ୱୟରେ ୧୦ଟି ବଳଦ ମୟୂରଭଞ୍ଜ ଚାଲାଣ କରାଯାଉଥିଲା । ମୟୂରଭଞ୍ଜରେ ପହଞ୍ଚିବା ପରେ ଉକ୍ତ ୧୦ଟି ଗୋରୁକୁ କୋଲକାତା ସ୍ଥାନାନ୍ତରିତ କରାଯିବାର ଥିଲା । ମୟୂରଭଞ୍ଜ ନେବା ସମୟରେ ଡୁବୁରୀଠାରେ ଗାଡ଼ି ଦୁଇଟିକୁ ଯାଞ୍ଚ କରିବା ପରେ ପୁଲିସ ହାତରେ ଧରାପଡ଼ିଯାଇଥିଲା ।

## ଚୋରି ବାଇକ୍ ଜବତ, ଜଣେ ଗିରଫ



**ବ୍ୟାସନଗର, ୧୦।୩(ସମିସ):** ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ରବିବାର ଜଣେ ବାଇକ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଯାଜପୁରରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଚୋରଦା ଅଞ୍ଚଳର କୁଳମଣି ରାଉତ ଯାଜପୁରରୋଡ୍ ତହସିଲରେ କାର୍ଯ୍ୟରତ ଅଛନ୍ତି । ସେ ତହସିଲ ଅଫିସ ପାର୍କିଂରେ ଗତ ୩ ତାରିଖରେ ବାଇକ୍ ରଖି ଅଫିସ ଯିବାପରେ ଫେରି ସେଠାରେ ବାଇକ୍‌କୁ ପାଇନଥିଲେ । ବିଭିନ୍ନ ସ୍ଥାନରେ ବାଇକ୍‌କୁ ଖୋଜି ନ ପାଇବାରୁ ବାଧ ହୋଇ ଯାଜପୁରରୋଡ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୬ ।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ତଦନ୍ତ ସମୟରେ ଯାଜପୁରରୋଡ୍ ପୁଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ ପାଣିକୋଇଲି ଥାନା ଅଲତିରି ଗ୍ରାମର ଆଶିଷ କୁମାର ପରିଡ଼ାକୁ ଗିରଫ କରି ଜେରା କରିବା ପରେ ସେ ବାଇକ ଚୋରି କରିଥିବା ମାନିବା ପରେ ପୁଲିସ ଉକ୍ତ ଗାଡିକୁ ଜବତ କରି ଅଭିଯୁକ୍ତ ଆଶିଷକୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ସ୍ତ୍ରୀକୁ ହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀ ଗିରଫ

**ସୁକିନ୍ଦା, ୧୦।୩ (ସମିସ):** ସୁକିନ୍ଦା ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ମୃତ ମହିଳାଙ୍କ ସ୍ୱାମୀ ମିଟୁ ନାୟକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଦେହୁରୀ ସାହିରୁ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ସୁକିନ୍ଦା ପୁଲିସ ଜବତ କରିଥିଲା । ମୃତ ମହିଳା ଜଣଙ୍କ ଦେହୁରୀ ସାହି ମିଟୁ ନାୟକଙ୍କ ପତ୍ନୀ ସଙ୍ଗୀତ ନାୟକ । ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତର କଣ୍ଟାପାଳ ଗ୍ରାମର ପୀତବାସ ନାୟକଙ୍କ ଝିଅ ସଙ୍ଗୀତା ନାୟକ ମିଟୁକୁ ଗତ ୧୦ ବର୍ଷ ତଳେ ବିବାହ କରିଥିଲେ । ବିବାହର ଦୀର୍ଘ ବର୍ଷ ପରେ ବି ସଙ୍ଗୀତାଙ୍କର କୌଣସି ସନ୍ତାନ ନ ହେବାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା । ସ୍ୱାମୀ ମିଟୁ ମଦ୍ୟପନ କରି ବାରମ୍ବାର ପତ୍ନୀ ସଙ୍ଗୀତାଙ୍କୁ ମାଡ଼ ମାରୁଥିବା କାରଣରୁ ଅନେକ ଥର ସଂଗୀତା ନିଜ ବାପ ଘରକୁ ଚାଲି ଯାଇଥିଲେ । ଗତ କିଛି ଦିନ ତଳେ ମିଟୁ ସଙ୍ଗୀତାକୁ ମାଡ଼ ମାରିବାରୁ ସେ ବାପଘରକୁ ଚାଲି ଯାଇଥିବାବେଳେ ଗତ ଗୁରୁବାର ଦିନ ମିଟୁ ଶଶୁର ଘରକୁ ଯାଇ ସଙ୍ଗୀତାକୁ ବୁଝାସୁଝା କରି ଆଣିବା ପରେ ପୁନର୍ବାର ସ୍ୱାମୀସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଥିଲା । ଗତ ଶୁକ୍ରବାର ଦିନ ଘରେ ସଙ୍ଗୀତାଙ୍କ ମୃତ ଦେହ ଝୁଲୁଥିବା ମିଟୁର ପରିବାର ଲୋକେ ଦେଖି ସଂଗୀତାଙ୍କ ପରିବାରକୁ ସୂଚନା ଦେଇଥିଲେ । ସଙ୍ଗୀତାଙ୍କ ବାପ ଘର ଲୋକେ ତାଙ୍କ ଝିଅକୁ ହତ୍ୟା କରିଥିବା ନେଇ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାରେ ପୁଲିସ ସ୍ୱାମୀ ମିଟୁ ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।







# ଭୁବନେଶ୍ୱର ଓ କଟକରେ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ

ଭୁବନେଶ୍ୱର ଓ କଟକର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ପାଣ୍ଡିଆନ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟ, ଶୈଳବାଳା ମହିଳା ମହାବିଦ୍ୟାଳୟ ଏବଂ ଭୁବନେଶ୍ୱରର ଏକାମ୍ର ମହାବିଦ୍ୟାଳୟ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ମହର୍ଷି କଲେଜ ଅଫ୍ ନେଚୁରାଲ ଲ' ଓ ରାଜଧାନୀ ମହାବିଦ୍ୟାଳୟରେ ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି । କଟକରେ ସମୁଦାୟ ୮୬୧୧ ଓ ଭୁବନେଶ୍ୱରରେ ୫୩୫୮ ଜଣ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୮.୧୩ କୋଟି ଓ ୫.୨୬ କୋଟି ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ।

## 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ'

'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଶ୍ରୀ ପାଣ୍ଡିଆନ ଏହି ଅବସରରେ ସୂଚନା ଦେଇଛନ୍ତି । ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ । ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ । ଯାହା ଯୁବକଙ୍କୁ ଶୈକ୍ଷିକ ଶିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ । ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ । ଶାରୀରିକ ଏବଂ ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ । ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ।

## ଅଗଷ୍ଟ ୧୫ରେ ମ୍ୟାଜିକ୍ କାର୍ଡ଼ ବଣ୍ଟନ

ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପଞ୍ଜୀକରଣ ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହୋଇଛି । ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ବଣ୍ଟନ କରାଯିବ । ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଓ ନୂଆ- ଓ ଛାତ୍ରବୃତ୍ତି ନୂଆ ଓଡ଼ିଶା ଗଠନର ସ୍ୱପ୍ନ ହାସଲରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ଏହି ବାର୍ତ୍ତା ପ୍ରଦାନ କରି ଆସୁଛନ୍ତି ।

## ମ୍ୟାଜିକ କାର୍ଡ଼ରେ ବିବିଧ ସୁବିଧା

ମ୍ୟାଜିକ କାର୍ଡ ମାଧ୍ୟମରେ ବସ୍, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ, ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମ୍‌ରେ ପ୍ରବେଶ, ଜର୍ନାଲ୍ ଏବଂ ସେମିନାରଗୁଡିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ ।

## ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ହଜାର

ଉଚ୍ଚଶିକ୍ଷାର ରୁପାନ୍ତରଣ ସହ ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଭାବେ 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ରାଜ୍ୟ ସରକାର ଆରମ୍ଭ କରିଛନ୍ତି । ଏହି ଯୋଜନାରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯିବ । ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅ ମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯିବ ।

## ବ୍ୟାଙ୍କ ଆକାଉଣ୍ଟରେ ବୃତ୍ତି ରାଶି ଜମା

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇବେ । ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯିବ । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଇବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ।









# ଆଇପିଏଲ୍ ଖେଳିବାକୁ ପନ୍ତ ଫିଟ୍

**ନୂଆଦିଲ୍ଲୀ,୧୦ ।୩(ଏଜେନ୍ସି)**

ଭାରତୀୟ ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତଙ୍କ ପ୍ରଶଂସକମାନଙ୍କ ପାଇଁ ଏକ ବଡ଼ ଖୁସି ଖବର। ପାଖାପାଖି ୧୫ମାସ ପରେ ସେ ପୁଣି ଥରେ ପଡିଆକୁ ଓହ୍ଲାଇବେ। ୨୬ ବର୍ଷୀୟ ପନ୍ତ ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବାକୁ ଫିଟ୍ ଘୋଷିତ ହୋଇଛନ୍ତି। ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ତାଙ୍କ ବ୍ୟାଟରୁ ପୁଣି ବିସ୍ଫୋରକ ପାଳି ଦେଖିବାକୁ ମିଳିବ। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ତରଫରୁ ତାଙ୍କୁ ରବିବାର ସବୁଜ ସଙ୍କେତ ମିଳିଛି। ତାଙ୍କୁ ଏନ୍‌ସିଏ ତରଫରୁ ଫିଟ୍‌ନେସି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ସେ ଦିଲ୍ଲୀ ଦଳରେ ସାମିଲ ହେବେ। ତେବେ ସେ ଦଳର ନେତୃତ୍ୱ ନେବେ ବା କେବଳ ଜଣେ ଖେଳାଳିଭାବେ ଖେଳିବେ ସେ ନେଇ ଦିଲ୍ଲୀ ତରଫରୁ ସ୍ପଷ୍ଟ କରାଯାଇନାହିଁ। ଅବଶ୍ୟ ଏ ସମ୍ପର୍କରେ ଆଇପିଏଲ କର୍ତ୍ତୃପକ୍ଷ କୌଣସି ସୂଚନା ଦେଇନାହାନ୍ତି। ଉଲ୍ଲେଖଥାଉ କି, ୨୦୨୨ ଡିସେମ୍ବର ୩୦ରେ ସେ ଦିଲ୍ଲୀରୁ ଡେରାଡୁନ୍‌ସ୍ଥିତ ନିଜ ଘରକୁ ଯିବା ବାଟରେ ରୁର୍‌କି ନିକଟରେ କାର୍ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ଏକାଧିକ ଅସ୍ତ୍ରୋପଚାର କରାଯାଇଥିଲା ଓ ସେ ଫିଟ୍‌ନେସ ଫେରି ପାଇବାକୁ କଠିନ ପରିଶ୍ରମ କରିବା ସହ ସଂଘର୍ଷ କରିଆସୁଥିଲେ। ଆସନ୍ତା ୨୨ ତାରିଖରୁ ଆଇପିଏଲ ଆରମ୍ଭ ହେବ। ୨୩ ତାରିଖରେ ଦିଲ୍ଲୀ ତା'ର ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ଭେଟିବ।



### ଜାସନ ରଏ ଙ୍କ ସ୍ଥାନରେ ସଲ୍ଟ ସାମିଲ

ଆଗାମୀ ଆଇପିଏଲରୁ ଆଉ ଜଣେ ତାରକା ଖେଳାଳି ଓହରିଯାଇଛନ୍ତି। ଇଂଲଣ୍ଡ ଓପନର ଜାସନ ରଏ ଆଇପିଏଲରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ କୋଲକାତା ନାଇଟ ରାଇଡର୍ସ (କେକେଆର) ତାଙ୍କ ସ୍ଥାନରେ ଅନ୍ୟତମ ଇଂଲଣ୍ଡ ୱିକେଟରକ୍ଷକ ବ୍ୟାଟର ଫିଲ ସଲ୍ଟଙ୍କୁ ଦଳରେ ସାମିଲ କରିଛି। ଗତବର୍ଷ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳିଥିବା ୨୭ ବର୍ଷୀୟ ସଲ୍ଟ ଏଥର ନୀଲାମିରେ ଅଲୋଡା ଥିଲେ। ତାଙ୍କୁ ଦେଢ କୋଟି ଟଙ୍କା ବିନିମୟରେ କେକେଆର ଦଳରେ ନେଇଛି। ସଲ୍ଟ ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ କ୍ରମାଗତ ଦୁଇଟି ଶତକ ହାସଲ କରିଥିଲେ। ତ୍ରିନିଦାଦ୍‌ରେ ୪୮ ବଲରୁ ଶତକ ହାସଲ କରି ସେ ଇଂଲଣ୍ଡ ତରଫରୁ ସେ ଦ୍ରୁତତମ ଶତକ ହାସଲ ରେକର୍ଡର ସମକକ୍ଷ ହୋଇଥିଲେ। ଗତ ସଂସ୍କରଣରେ ସେ ଦିଲ୍ଲୀ ପାଇଁ ୯ଟି ମ୍ୟାଚ ଖେଳି ଦୁଇଟି ଅର୍ଦ୍ଧଶତକ ସହ ମୋଟ୍ ୨୧୮ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକରେଟ୍ ୧୬୩. ୯୧ ରହିଥିଲା। ଆଗାମୀ ୨୩ ତାରିଖରେ କୋଲକାତା ତା'ର ପ୍ରଥମ ମୁକାବିଲାରେ ସନରାଇଜର୍ସ ହାଇଦ୍ରାବାଦ ସହ ଖେଳିବ।

## ଟେଷ୍ଟ କ୍ରିକେଟରେ ଭାରତ
# ଜିତିଛି ୧୭୮, ହାରିଛି ୧୭୮

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ଭାରତରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଭାରତ ୪-୧ ବ୍ୟବଧାନରେ ବିଜୟୀ ହୋଇଛି। ହାଇଦରାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ହାରିବା ପରେ ଭାରତ କ୍ରମାଗତ ଭାବେ ବିଶାଖାପାଟଣା, ରାଜକୋଟ, ରାଞ୍ଚି ଓ ହିମାଚଳ ପ୍ରଦେଶର ଧର୍ମଶାଳାରେ କ୍ରମାଗତ ୪ଟି ଟେଷ୍ଟରେ ବିଜୟୀ ହୋଇଥିଲା। ଏହା ଫଳରେ ଭାରତ ଟେଷ୍ଟ ଇତିହାସରେ ତୃତୀୟଥର ଲାଗି ଗୋଟିଏ ସିରିଜ୍‌ରେ କ୍ରମାଗତ ୪ଟି ଟେଷ୍ଟ ଜିତିବାର ରେକର୍ଡ କରିଛି। ଏହା ପୂର୍ବରୁ ୨୦୧୬ ସିରିଜ୍‌ରେ ଇଂଲଣ୍ଡକୁ ଓ ୨୦୨୩ରେ ଅଷ୍ଟ୍ରେଲିଆକୁ ହରାଇ କ୍ରମାଗତ ୪ଟି ଟେଷ୍ଟ ଜିତିବାରେ ସମର୍ଥ ହୋଇଛି। କିନ୍ତୁ ଧର୍ମଶାଳାରେ ଭାରତ ଚତୁର୍ଥ ବିଜୟ ହାସଲ କରିବା ପରେ ଟେଷ୍ଟ କ୍ରିକେଟରେ ଭାରତର ହାରଜିତ୍ ରେକର୍ଡ ସମାନ ହୋଇଯାଇଛି। ଏହି ମ୍ୟାଚ ପରେ ଭାରତ ୫୭୯ଟି ମ୍ୟାଚ୍ ଖେଳିସାରିଛି। ଏହା ମଧ୍ୟରୁ ଦଳ ୧୭୮ଟି ଟେଷ୍ଟ ଜିତିଥିଲାବେଳେ ୧୭୮ଟିରେ ପରାଜିତ ହୋଇଛି। ଅବଶିଷ୍ଟ ଟେଷ୍ଟ ମଧ୍ୟରେ ୨୨୨ଟି ଅମୀମାଂସିତ ରଖିଥିଲାବେଳେ ଅଷ୍ଟ୍ରେଲିଆ ସହ ଗୋଟିଏ ଟେଷ୍ଟ ଟାଇ ରଖିଛି। ଏହି ରେକର୍ଡ ପରେ ଭାରତର ସଫଳତା ଓ ବିଫଳତା ହାର ସମାନ ହୋଇଯାଇଛି। ୧୯୩୨ରେ ଭାରତ ବିଶ୍ୱର ଷଷ୍ଠ ଦେଶ ଭାବେ ଟେଷ୍ଟ କ୍ରିକେଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଇଂଲଣ୍ଡ ସହ ଇଂଲଣ୍ଡରେ ଖେଳାଯାଇଥିବା ଏହି ସିରିଜ୍‌ରେ ଭାରତ ୩ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ୧-୦ରେ ପରାଜିତ ହୋଇଥିଲା। ଏହା ପରେ ଭାରତ ଅନ୍ୟ ୧୦ଟି ଦେଶ ସହ ଟେଷ୍ଟ ମ୍ୟାଚ୍ ଖେଳିସାରିଛି। ଏହା ମଧ୍ୟରୁ ସର୍ବାଧିକ ଟେଷ୍ଟ ଇଂଲଣ୍ଡ ସହ ଓ ସର୍ବନିମ୍ନ ଗୋଟିଏ ଟେଷ୍ଟ ଆଫଗାନିସ୍ତାନ ସହ ଖେଳିଛି।



### ଟେଷ୍ଟ କ୍ରିକେଟରେ ଭାରତର ରେକର୍ଡ

| ପ୍ରତିଦ୍ୱନ୍ଦ୍ୱୀ | ବ୍ୟବଧାନ | ମ୍ୟାଚ୍ | ବିଜୟ | ପରାଜୟ | ଡ୍ର | ସଫଳତା ହାର |
|---|---|---|---|---|---|---|
| ଇଂଲଣ୍ଡ | ୧୯୩୨-୨୦୨୪ | ୧୩୬ | ୩୫ | ୫୧ | ୫୦ | ୪୦.୬୯ |
| ଅଷ୍ଟ୍ରେଲିଆ | ୧୯୪୭-୨୦୨୩ | ୧୦୭ | ୩୨ | ୪୫ | ୨୯ | ୪୧.୬୬ |
| ୱେଷ୍ଟଇଣ୍ଡିଜ୍ | ୧୯୪୮-୨୦୨୩ | ୧୦୦ | ୨୩ | ୩୦ | ୪୭ | ୪୩.୩୯ |
| ନ୍ୟୁଜିଲାଣ୍ଡ | ୧୯୫୫-୨୦୨୧ | ୬୨ | ୨୨ | ୧୩ | ୨୭ | ୬୨.୮୫ |
| ପାକିସ୍ତାନ | ୧୯୫୨-୨୦୦୭ | ୫୯ | ୯ | ୧୨ | ୩୮ | ୪୨.୮୫ |
| ଶ୍ରୀଲଙ୍କା | ୧୯୮୨-୨୦୨୨ | ୪୬ | ୨୨ | ୭ | ୧୭ | ୭୫.୮୬ |
| ଦ.ଆଫ୍ରିକା | ୧୯୯୨-୨୦୨୪ | ୪୪ | ୧୬ | ୧୮ | ୧୦ | ୪୭.୦୫ |
| ବାଂଲାଦେଶ | ୨୦୦୦-୨୦୨୨ | ୧୩ | ୧୧ | ୦ | ୨ | ୧୦୦ |
| ଜିମ୍ବାୱେ | ୧୯୯୨-୨୦୦୫ | ୧୧ | ୭ | ୨ | ୨ | ୭୭.୭୭ |
| ଆଫଗାନିସ୍ତାନ | ୨୦୧୮-୧୮ | ୧ | ୧ | ୦ | ୦ | ୧୦୦ |
| ମୋଟ | ୧୯୩୨-୨୦୨୪ | ୫୭୯ | ୧୭୮ | ୧୭୮ | ୨୨୨ | ୫୦.୦୦ |

ବିଦ୍ର: ଅଷ୍ଟ୍ରେଲିଆ ସହ ଗୋଟିଏ ଟେଷ୍ଟ ଟାଇ ରହିଛି।

## ୧୬ ବର୍ଷରୁ କମ୍ ସାଫ୍ ଚାମ୍ପିଅନସିପ୍
# ଭାରତ ଉପ-ବିଜେତା

**କାଠମାଣ୍ଡୁ,୧୦ ।୩(ଏଜେନ୍ସି):** ନେପାଳ ରାଜଧାନୀ କାଠମାଣ୍ଡୁ ନିକଟସ୍ଥ ଲଳିତପୁରର ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ବାଳିକା ସାଫ୍ ଫୁଟବଲ ଚାମ୍ପିଅନସିପ୍‌ରେ ଏଥର ଭାରତ ରନର୍ସଅପ୍ ହୋଇଛି। ରବିବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ବାଂଲାଦେଶ ପେନାଲ୍ଟି ସୁଟ୍ ଆଉଟ୍‌ରେ ୩-୨ ଗୋଲରେ ଭାରତକୁ ହରାଇ ଚାମ୍ପିଅନ ହୋଇଛି। ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ଅନୁଷ୍କା କୁମାରୀ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ୭୦ତମ ମିନିଟ୍‌ରେ ବାଂଲାଦେଶର ଶ୍ୱେତାରାଣୀ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ଉଭୟପଟୁ ଆକ୍ରମଣାତ୍ମ ଖେଳ ପ୍ରଦର୍ଶନ କରାଯାଇଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ନଥିଲା ଓ ମ୍ୟାଚ୍ ଅମୀମାଂସିତ ରହିଥିଲା। ଫଳାଫଳ ପାଇଁ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ବାଂଲାଦେଶ ୩-୨ରେ ବାଜିମାରି ଟାଇଟଲ ହାସଲ କରିଥିଲା। ଟୁର୍ଣ୍ଣାମେଣ୍ଟରେ ଭାରତର ଅନୁଷ୍କା କୁମାରୀ ଓ ବାଂଲାଦେଶର ସୌରଭି ଅକନ୍ଦା ପ୍ରୀତି ୫ଟି ଲେଖାଏ ଗୋଲ ସ୍କୋର କରି ଯୁଗ୍ମ ଭାବେ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି।

# ରାଜ୍ୟ ବିଦ୍ୟାଳୟ ଓପନ୍ ଚେସ୍: ଆଦିତ୍ୟ ଚାମ୍ପିଅନ



**ଭୁବନେଶ୍ୱର,୧୦ ।୩(ସମିସ):** ଓଡ଼ିଶା ରାଜ୍ୟ ଚେସ୍ ସଂଘ ଓ କେସୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆୟୋଜନରେ ଚତୁର୍ଥ ବିଶ୍ୱଦର୍ଶନୀ ବିସ୍ମିତାରାଣୀ ସାହୁ ସ୍ମାରକୀ ରାଜ୍ୟ ବିଦ୍ୟାଳୟ ଓପନ୍ ଚେସ୍ ଚାମ୍ପିଅନସିପ ରବିବାର ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଡିପିଏସ୍ କଳିଙ୍ଗର ଆଦିତ୍ୟ ବିକ୍ରମ ମିଶ୍ର ୫ମ ତଥା ଅନ୍ତିମ ରାଉଣ୍ଡ ଶେଷ ସୁଦ୍ଧା ସର୍ବାଧିକ ୫ ଅଙ୍କ ହାସଲ କରି ଚାମ୍ପିଅନ ହୋଇଛନ୍ତି। ବ୍ରହ୍ମେଶ୍ୱର ଉଚ୍ଚବିଦ୍ୟାଳୟର ଅଞ୍ଜଳୀ ମିଶ୍ର ଦ୍ୱିତୀୟ, ଯାଜପୁର ଟାଉନ ଡିଏଭି ପବ୍ଲିକ୍ ସ୍କୁଲର ସାଇ ରଞ୍ଜନ ମିଶ୍ର ତୃତୀୟ, ଭୁବନେଶ୍ୱର ଷ୍ଟୁଆର୍ଟ ସ୍କୁଲର ରୁଦ୍ର ପ୍ରତାପ ମିଶ୍ର ଚତୁର୍ଥ, ଚନ୍ଦ୍ରଶେଖର ପୁର ଡିଏଭିର ଓମ୍ ସ୍ୱରୂପ ପାଢୀ ୫ମ ସ୍ଥାନରେ ରହିଛନ୍ତି। ସମସ୍ତେ ୪ ଲେଖାଏ ପଏଣ୍ଟ ପାଇଥିଲେ। ସେହିପରି ୮, ୧୦, ୧୨, ୧୪ବର୍ଷରୁ କମ୍ ଓ ବାଳିକା ବିଭାଗରେ ମଧ୍ୟ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କେସୁରା ରୟାଲ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଏହି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ରୟାଲ ପବ୍ଲିକ୍ ସ୍କୁଲର ଉପାଧ୍ୟକ୍ଷ ପ୍ରଜ୍ଞା ପାରମିତା ସାହୁ, ଓଡ଼ିଶା ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ସ୍ୱର୍ଗତା ବିଶ୍ୱଦର୍ଶିନୀଙ୍କ ସ୍ୱାମୀ ପ୍ରିୟବ୍ରତ ସାହୁ ଓ ତାଙ୍କ ପୁତ୍ର ଶାସ୍ୱତ ସୌମ୍ୟବ୍ରତ ଯୋଗଦେଇ ଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA